୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.206 Bhubaneswar Tuesday September 24 2024 | ୨୬ତମ ବର୍ଷ ସଂଖ୍ୟା–୨୦୬ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଇସ୍ରାଏଲ ହମଲାରେ ଲେବାନନ ଛିନଛତ୍ର: ଗଲାଣି ୨୭୪ ଜଣଙ୍କ ଜୀବନ

ଭୁବନେଶ୍ୱର, ୨୩।୯(ପି.ଏନ): ଦକ୍ଷିଣ ଲେବାନନରେ ସବୁଠାରୁ ବଡ ହମଲା କରିଛି ଇସ୍ରାଏଲ। ଆଜି ଇସ୍ରାଏଲ ପକ୍ଷରୁ ଦକ୍ଷିଣ ଲେବାନନରେ ଏୟାର ଷ୍ଟ୍ରାଇକ କରାଯାଇଛି। ଘନଘନ ରକେଟ ଓ ବୋମା ମାଡରେ ପୂରା ଛିନଛତ୍ର ହୋଇଯାଇଛି ଅଧା ଲେବାନନ। ଏଥିରେ ବର୍ତ୍ତମାନ ସୁଦ୍ଧା ୨୭୪ ଜଣଙ୍କ ଜବୀନ ଯାଇଥିବା ବେଳେ ୧ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରେ ଅନେକ ଛୋଟ ପିଲା, ମହିଳା ଓ ମେଡିକାଲ କର୍ମଚାରୀ ରହିଛନ୍ତି। ଇସ୍ରାଏଲ ବିଦ୍ରୋହୀ ସଂଗଠନ ହେଜବୁଲ୍ଲାକୁ ଟାର୍ଗେଟ କରି ଏପରି ଆକ୍ରମଣ କରିଥିବା କହିଥିଲେ ହେଁ



ଏଥିରେ ସାଧାରଣ ଲୋକଙ୍କ ଜୀବନ ଯାଇଛି। ୨୦୦୬ରୁ ହେଜବୁଲ୍ଲା ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଲାଗି ରହିଛି। କିନ୍ତୁ ଆଜି ଯାଏ କେବେ ହେଲେ ଏତେ ଭୟଙ୍କର ଆକ୍ରମଣ ଇସ୍ରାଏଲ କରି ନଥିଲା।

## ଟାଗିଦ୍ କଲା ଅର୍ଥ ବିଭାଗ: ଜରୁରୀ ନଥିଲେ ନୂଆ ଗାଡି କିଣା ମନା, ଭଡାଗାଡିରେ କାମ ଚଳାଅ

ଭୁବନେଶ୍ୱର, ୨୩।୯(ପି.ଏନ):ସରକାର ତହବିଲରୁ ନୂଆ ଗାଡି କିଣିବା ବଦଳରେ ଭଡାରେ ଗାଡି ଆଣି ଅଫିସ କାର୍ଯ୍ୟ କରିବା ପାଇଁ ଅର୍ଥ ବିଭାଗ ଆଜି ପୁଣିଥରେ ତାଗିଦ୍ କରିଛି । ବିଜେଡି ସରକାର ଅମଳରେ ଗତବର୍ଷ ଏଭଳି ନିର୍ଦ୍ଦେଶନାମା ଜାରି କରିଥିବା ଅର୍ଥ ବିଭାଗ ଆଜି ପୁଣିଥରେ ସମସ୍ତ ସଚିବ ଓ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ପରାମର୍ଶ ଦେଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧୀନରେ ଥିବା ଅର୍ଥ ବିଭାଗର ବିନା ଅନୁମତିରେ ଓ ଅତି ଜରୁରୀ ନଥିଲେ ନୂଆ ଗାଡି କିଣାଯିବ ନାହିଁ ବୋଲି ବିଭାଗଗୁଡିକୁ ରୋକଠୋକ ଜଣାଇ ଦେଇଛନ୍ତି । ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଭାଗୀୟ ସଚିବ ଓ ମୁଖ୍ୟମାନଙ୍କୁ ଚିଠି ଲେଖି ସରକାରୀ ଗାଡି ପରିବର୍ତ୍ତ ? ଘରୋଇ ଗାଡିକୁ ଭଡାରେ ଆଣିବା ପାଇଁ ପରାମର୍ଶ ଦେଇଛନ୍ତି । ଅନୁପଯୁକ୍ତ ହୋଇପଡିଥିବା ପୁରୁଣା ସରକାରୀ ଗାଡିକୁ ସ୍କ୍ରାପିଂ କିମ୍ବା ନିଲାମ କରି




ସେବାବଦ ଅର୍ଥକୁ ଟ୍ରେଜେରୀରେ ଜମା କରିବା ପରେ ହିଁ ଅଫିସ୍ ଉପଯୋଗ ପାଇଁ ଘରୋଇ ଗାଡି ଭଡାରେ ଅଣାଯାଇପାରିବ । ଏଥିପାଇଁ ପ୍ରଶାସନିକ ବିଭାଗଗୁଡିକ ନିଷ୍ପତ୍ତି ନେବାକୁ ପ୍ରାଧିକୃତ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏ ସଂକ୍ରାନ୍ତରେ ଅର୍ଥ ବିଭାଗର ୨୦୨୩ ଅଗଷ୍ଟ ୧୪ତାରିଖର ନିର୍ଦ୍ଦେଶନାମାକୁ ମଧ ସେ ଉଲ୍ଲେଖ କରିଛନ୍ତି । ତେବେ ପୁରୁଣା ଗାଡିକୁ ନଷ୍ଟ ନକରି ଘରୋଇ ଗାଡିରେ ଭଡା ଆଣିବାର ଆବଶ୍ୟକତା ପଡିଲେ ସେଥିପାଇଁ ଅର୍ଥ ବିଭାଗର ପୂର୍ବ ଅନୁମତି ନେବାକୁ ପଡିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ପ୍ରଶାସନିକ ବିଭାଗଗୁଡିକ ନୂଆ ଗାଡି କ୍ରୟ କରିବାରୁ ବିରତ ରହିବା ଉଚିତ୍ । ଯଦି ନୂଆ ଗାଡି କିଣିବା ଅତି ଜରୁରୀ ହୁଏ ତା'ହେଲେ ଅର୍ଥ ବିଭାଗ ଦ୍ୱାରା ଜାରି ହେଉଥିବା ନିର୍ଦ୍ଦେଶନାମାକୁ ସମ୍ପୃକ୍ତ ପ୍ରଶାସନିକ ବିଭାଗ କଡାକଡି ପାଳନ କରିବା ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

### ସୂର୍ଯ୍ୟ ମନ୍ଦିର ତଳେ କ'ଣ ରହିଛି ? ଚାଲିଛି ଲେଜର ସ୍କାନିଙ୍ଗ, ଜଣାପଡିବ ସତ୍ୟତା

କୋଣାର୍କ, ୨୩।୯(ପି.ଏନ): ଓଡିଶା ଐତିହ୍ୟ କୋଣାର୍କର ସୂର୍ଯ୍ୟ ମନ୍ଦିର । ଏହାତଳେ ଅନେକ କିଛି ଖଣିଜ ସମ୍ପଦ ଲୁଚି ରହିଥିବା ବିଭିନ୍ନ ସମୟରେ ଆଲୋଚନା ହୋଇଥାଏ । କିନ୍ତୁ ଏ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ । ତେଣୁ ଏହାର ସତ୍ୟାସତ୍ୟ ପାଇବା ପାଇଁ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଜିପିଆରଏସ ଲେଜର ସ୍କାନିଙ୍ଗ ଆରମ୍ଭ ହୋଇଯାଇଛି । ମନ୍ଦିରର ଗର୍ଭଗୃହ ଏବଂ ଚତୁଃପାଶ୍ୱର୍ର ଜିପିଆରଏସ ଲେଜର ସ୍କାନିଙ୍ଗ କରାଯାଉଛି । ଏହି ଲେଜର ସ୍କାନିଂରେ ୩ ଜଣିଆ ବୈଜ୍ଞାନିକ ଟିମ୍ ସାମିଲ ରହିଛନ୍ତି । ମାଟି ତଳେ ପ୍ରାୟ ୧୦ ମିଟର ଗଭୀର ପର୍ଯ୍ୟନ୍ତ ସ୍କାନିଙ୍ଗ କରାଯାଉଛି । ଏହି ସ୍କାନିଙ୍ଗ ପରେ ମନ୍ଦିର ତଳେ କ'ଣ ରହିଛି, ତାହା ସ୍ପଷ୍ଟ ହୋଇପାରିବ ।

## ପାଲଟା ଆକ୍ରମଣ କଲା ଇସ୍ରାଏଲ: ହେଜବୁଲ୍ଲା ଉପରେ ୧୦୦ ରୁ ଅଧିକ ରକେଟ ମାଡ

ଜେରୁଜେଲମ୍, ୨୩।୯(ପି.ଏନ): ହେଜବୁଲ୍ଲାକୁ ଶାସ୍ତି ଦେବାକୁ ଇସ୍ରାଏଲ୍ ଯୋଜନା କରିଛି। ଇସ୍ରାଏଲର ସୈନ୍ୟବାହିନୀ ଲେବାନନର ଲୋକଙ୍କୁ ତୁରନ୍ତ ହେଜବୁଲ୍ଲା ଆତଙ୍କବାଦୀ ଗୋଷ୍ଠୀ ଅସ୍ତ୍ରଶସ୍ତ୍ର ରଖିଥିବା ଘର ଏବଂ କୋଠାକୁ ଖାଲି କରିବାକୁ କହିଛନ୍ତି।ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ବ୍ୟାପକ ଏୟାର ଷ୍ଟ୍ରାଇକ୍ ଆରମ୍ଭ କରିବାକୁ ଇସ୍ରାଏଲ କହିଛି। ସୀମାରେ ପ୍ରାୟ ଏକ ବର୍ଷର ବିବାଦ ଏବଂ ରବିବାର ଦିନ ପ୍ରବଳ ରକେଟ ମାଡ ପରେ ଇସ୍ରାଏଲ ପାଲଟା ଆକ୍ରମଣ କରିଛି। ୧୦୦ରୁ ଅଧିକ ରକେଟ ହେଜବୁଲ୍ଲା ଶିବିର ଉପରେ ମାଡ କରାଯାଇଛି। ଏଥିରେ ୧୦୦ରୁ ଅଧିକଙ୍କ ମୃତ୍ୟୁ ଘଟିଥିବାବେଳେ ୪୦୦ରୁ ଅଧିକ ଆହତ ହୋଇଛନ୍ତି। ହେଜବୁଲ୍ଲାର ୩୦୦ ଶିବିର ଉପରେ ଆକ୍ରମଣ ହୋଇଥିବା ଇସ୍ରାଏଲ ସେନା କହିଛି।ଇସ୍ରାଏଲର ଉତ୍ତର ଅଞ୍ଚଳକୁ ଟାର୍ଗେଟ କରି ହେଜବୁଲ୍ଲା ୧୦୦ରୁ ଅଧିକ ରକେଟ୍ ମାଡ କରିବା ସହିତ ଡ୍ରୋନ୍‌ରୁ ଆକ୍ରମଣ କରିଥିଲା। ଏହି ଆକ୍ରମଣ ଏବଂ ପ୍ରତିପକ୍ଷ ଆକ୍ରମଣ ଏକ ବଡ ଯୁଦ୍ଧସ୍ଥିତି ସୃଷ୍ଟି କରିଛି। ଇସ୍ରାଏଲ୍ ଗାଜାରେ ପାଲେଷ୍ଟାଇନ ହମାସ ସହିତ ଲଢ଼େଇ ଜାରି ରଖିଛି ଏବଂ ଅକ୍ଟୋବର ୭ ଆକ୍ରମଣରେ ନିଆଯାଇଥିବା ବହୁ ବନ୍ଧକଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରୁଛି।

### ଭାରତ-ନେପାଳ ସୀମାରେ ବିପଦ: ୨୫୦୦ ଜିହାଦୀଙ୍କୁ ତାଲିମ ଦେଉଛି ପାକିସ୍ତାନ

ଗୋରଖପୁର, ୨୩।୯(ପି.ଏନ): ପାକିସ୍ତାନର ପୃଷ୍ଠପୋଷକତାରେ ବହରାଇଚ୍‌ର ରୁପାଇଡିହାରେ ଭାରତୀୟ ସୀମାଠାରୁ ୬କିଲୋମିଟର ଦୂରରେ ଥିବା ନେପାଳଗଞ୍ଜରେ ୨୫୦୦ ଜିହାଦୀଙ୍କୁ ତାଲିମ ଦିଆଯାଉଛି। ନେପାଳର ମୁସଲମାନ ଯୁବକମାନଙ୍କୁ ଭାରତ ବିରୋଧରେ ପ୍ରବର୍ତ୍ତାଯାଉଛି। ଯାହା ସୁରକ୍ଷା ଦୃଷ୍ଟିରୁ ଭବିଷ୍ୟତରେ ଏକ ବଡ଼ ବିପଦର ସଙ୍କେତ ଦେଉଛି।ଗୁପ୍ତଚର ବିଭାଗର ସ୍ୱତନ୍ତ୍ର ଶାଖାର ଏସପି ଏହାର ରିପୋର୍ଟ ପୋଲିସ ମୁଖ୍ୟାଳୟକୁ ପଠାଇଛନ୍ତି। ୫ ସେପ୍ଟେମ୍ବର ୨୦୨୪ରେ ସରକାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ସୁରକ୍ଷା ଏବଂ ଗୁପ୍ତଚର ସଂସ୍ଥା ଏହି ଆହ୍ୱାନର ମୁକାବିଲା ପାଇଁ ବ୍ୟସ୍ତ ଅଛନ୍ତି।ଉତ୍ତରପ୍ରଦେଶର ନେପାଳ ସୀମା ସହ ଜଡିତ ସାପ୍ତାହିକ ଗୁପ୍ତଚର ରିପୋର୍ଟରେ କୁହାଯାଇଛି ଯେ ନେପାଳର ବାଙ୍କି ଜିଲ୍ଲାର ନେପାଳଗଞ୍ଜର ଫୁଲଟେକରା ଅଞ୍ଚଳରେ ଏଭଳି ତାଲିମ ପ୍ରଦାନ କାର୍ଯ୍ୟ ଜାରି ରହିଛି।

## ରାଜ୍ୟପାଳଙ୍କ ବଡ ବୟାନ: ଭାରତରେ ଧର୍ମନିରପେକ୍ଷତାର ଆବଶ୍ୟକତା ନାହିଁ

ଭୁବନେଶ୍ୱର, ୨୩।୯(ପି.ଏନ): ତାମିଲନାଡୁ ରାଜ୍ୟପାଳ ଆରଏନ ରବି ଧର୍ମନିରପେକ୍ଷତାର ଜନ୍ମ ଓ ଅର୍ଥ ସମ୍ପର୍କରେ ଦେଇଥିବା ବୟାନ ବିବାଦ ସୃଷ୍ଟି କରିଛି। ରାଜ୍ୟପାଳଙ୍କ ବୟାନକୁ କଂଗ୍ରେସ ଓ ଅନ୍ୟ କିଛି ଦଳ ଦାୟିତ୍ୱହୀନ ମତ ବୋଲି କହିଛନ୍ତି। ରାଜ୍ୟପାଳଙ୍କ ଭଳି ସମ୍ବିଧାନିକ ପଦରେ ବସି ଏପରି ବୟାନ ଦେବା ଅତ୍ୟନ୍ତ ନିନ୍ଦନୀୟ ବୋଲି କଂଗ୍ରେସ କହିଛି।ତାମିଲନାଡୁର କନ୍ୟାକୁମାରୀରେ ଆୟୋଜିତ ଗୋଟିଏ ସର୍ବସାଧାରଣ ସଭାରେ ରାଜ୍ୟପାଳ ରବି କହିଛନ୍ତି ଯେ "ଧର୍ମନିରପେକ୍ଷତା ପଶ୍ଚିମର ବହୁତ ଦୂରରୁ ଆସିଛି। ଭାରତରେ ଏହାର କୌଣସି ସ୍ଥାନ ନାହିଁ। ଏ ଦେଶର ଲୋକଙ୍କ ସହ ବହୁତ ଛଳନା କରାଯାଉଛି। ସେମାନଙ୍କୁ ଠକା ଯାଉଛି। ସେମଧ୍ରୁ ଗୋଟିଏ ହେଲା, ସେମାନଙ୍କୁ ଧର୍ମନିରପେକ୍ଷତାର ଭୁଲ ଧାରଣା ମଧ୍ୟରେ ଛନ୍ଦି ଦିଆଯାଇଛି। ଧର୍ମନିରପେକ୍ଷତାର ଅର୍ଥ କ'ଣ



ଧର୍ମନିରପେକ୍ଷତା ଗୋଟିଏ ୟୁରୋପୀୟ ଚିନ୍ତାଧାରା। ଏହା ଆଦୌ ଭାରତୀୟ ଚିନ୍ତାଧାରା ନୁହେଁ।ୟୁରୋପରେ ଚର୍ଚ୍ଚ ଓ ରାଜାଙ୍କ ମଧ୍ୟରେ ବିବାଦ ଚାଲିଥିବାରୁ ଧର୍ମନିରପେକ୍ଷକୁ ଅଣା ଯାଇଥିଲା। ଧର୍ମ ଠାରୁ ଭାରତ କେମିତି ଦୂରେଇ ରହିବ ଧର୍ମନିରପେକ୍ଷତା ଗୋଟିଏ ୟୁରୋପୀୟ ଚିନ୍ତାଧାରା। ତା'କୁ ସେଇଠାରେ ରହିବାକୁ ଦିଆଯାଉ। ଭାରତରେ ଧର୍ମନିରପେକ୍ଷତାର କୌଣସି ଆବଶ୍ୟକତା ନାହିଁ।

## ୧୦୦୦ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ; ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି



ଭୁବନେଶ୍ୱର, ୨୩।୯(ପି.ଏନ): ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକୃତ ହୋଇଥିବା ୧୦୦୦ ଅଭିଯୋଗକାରୀଙ୍କଠାରୁ ସେମାନଙ୍କ ସମସ୍ୟା ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଆଶ୍ୱାସନା ଦେବା ସହିତ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିଠାରୁ ପ୍ରଥମ ଥର ପାଇଁ ପାଇଁ ସମ୍ପୂର୍ଣ୍ଣ ଅନଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଆଜି ଆସିଥିବା ବିଭିନ୍ନ ଅଭିଯୋଗକାରୀ ମାନଙ୍କ ମଧ୍ୟରୁ ଜଣେ ଥିଲେ ଅନୁଗୋଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶଙ୍କର ଦାସ। ଚାକିରି କାଳରେ ତାଙ୍କ ପ୍ରତି ବହୁ ଅନ୍ୟାୟ ଓ ଅବହେଳା କରାଯାଇଛି ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଭରା ଅଭିଯୋଗ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମଧ ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣି, ଅଧୈର୍ଯ୍ୟ ନହେବା ପାଇଁ ପରାମର୍ଶ ଦେଇଛନ୍ତି ଏବଂ ତାଙ୍କୁ ନ୍ୟାୟ ଦେବା ପାଇଁ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ୫୦ଜଣ ଯାତ୍ରୀଙ୍କ ସହିତ ୩୦ ଫୁଟ ଗଭୀର ଖାଇକୁ ଖସିଲା ବସ୍

ଅମରାବତୀ, ୨୩।୯(ପି.ଏନ): ମହାରାଷ୍ଟ୍ରର ଅମରାବତୀରେ ଏକ ବଡ଼ ଦୁର୍ଘଟଣା ଘଟିଛି। ସୋମବାର ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ୩୦ଫୁଟ ଗଭୀର ଖାଇକୁ ଖସିପଡିଛି। ଏହି ଦୁର୍ଘଟଣା ଅମରାବତୀ ନିକଟ ମେଲଘାଟ ଅଞ୍ଚଳ ନିକଟରେ ଘଟିଛି। ଦୁର୍ଘଟଣା ସମୟରେ ବସ୍‌ରେ ୫୦ ଜଣ ଯାତ୍ରୀ ଥିଲେ। ଏହି ଦୁର୍ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ହେବାର ଆଶଙ୍କା ରହିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅନେକ ଲୋକ ଗୁରୁତର ଆହତ ହୋଇଥିବାବେଳେ। ଆହତ ଯାତ୍ରୀମାନଙ୍କୁ ଚିକିତ୍ସାଲାଗି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ଏନଡିଆରଏଫ ଦଳ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୩ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## ଅଙ୍ଗନବାଡି ଗୃହ କାର୍ଯ୍ୟରେ ବିଳମ୍ବ ଭଙ୍ଗା ଘରେ ପଢୁଛନ୍ତି କୁନି କୁନି ପିଲା

ନିମାପଡା, ୨୩।୯(ପି.ଏନ): ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଛି ଅଙ୍ଗନବାଡି ଗୃହ।ଏମିତି ଦେଖିବାକୁ ମିଳିଛି ନିମାପଡା ବ୍ଲକ ଅନ୍ତର୍ଗତ ବାମନାଳ ଗ୍ରାମ ପଞ୍ଚାୟତରେ।ଏହି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ୨୦୨୦ ମସିହାରେ ସରକାରଙ୍କ ତରଫରୁ ଅନୁଦାନ ମିଳିଥିଲା ଏବଂ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଦୀର୍ଘ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଏହି ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ସରୁନାହିଁ। ଏ ପର୍ଯ୍ୟନ୍ତ ଅଧାପନ୍ତରିଆ ଅବସ୍ଥାରେ ଅଙ୍ଗନବାଡି କେନ୍ଦ୍ରଟି ପଡି ରହିଛି।ଗୃହର ଛାତ ପଡି ସାରିଥିବା ବେଳେ ଏ ଯାଏଁ ଅନ୍ୟ କୌଣସି କାମ ହୋଇ ନଥିବା ଦେଖିବାକୁ ମିଳିଛି।ଫଳରେ ଅର୍ଦ୍ଧ ନିର୍ମିତ ଅଙ୍ଗନବାଡି ଗୃହ ଚାରିପଟେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।ଏହି ଅଙ୍ଗନବାଡିକୁ ଆସୁଥିବା ପିଲାମାନେ ନିକଟରେ ଥିବା ଏକ ଭଙ୍ଗା କୋଠଘରେ ପଢୁଥିବାର ଜଣାପଡିଛି।ଏହି ଘରଟି ମଧ ବହୁତ ପୁରୁଣା ହୋଇଥିବାରୁ ଏହା ଭଗ୍ନ ଅବସ୍ଥାରେ ରହିଛି।ଛାତର ପ୍ଲାଷ୍ଟର ଖସିବା ସହିତ ପିଲାମାନେ ବିପଦ ସଙ୍କୁଳ ଅବସ୍ଥାରେ ବସି ପାଠ ପଢୁଛନ୍ତି।ଅଧାପନ୍ତରିଆ ହୋଇ ପଡ଼ିଥିବା ଅଙ୍ଗନବାଡି ଗୃହକୁ ଶୀଘ୍ର କାମ ସାରି ପିଲାଙ୍କୁ ଏହି ଘରେ ପାଠ ପଢେଇବାକୁ ଗ୍ରାମ ବାସି ମାନେ କହିଛନ୍ତି।କଣ ପାଇଁ ଏ ପର୍ଯ୍ୟନ୍ତ ଗୃହ ନିର୍ମାଣରେ ବିଳମ୍ବ ହୋଇଛି ଏହାର ତଦନ୍ତ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ବଦଲାପୁର ଯୌନ ନିର୍ଯାତନା ମାମଲାର ଅଭିଯୁକ୍ତ କଲା ଗୁଳି

ଭୁବନେଶ୍ୱର, ୨୩।୯(ପି.ଏନ): ମହାରାଷ୍ଟ୍ରର ବହୁ ଚର୍ଚ୍ଚିତ ବଦଲାପୁର ଯୌନ ନିର୍ଯାତନା ମାମଲାର ମୁଖ୍ୟ ଅଭିଯୁକ୍ତ ଅକ୍ଷୟ ସିନ୍ଦେ ଗୁଳିମାଡରେ ପ୍ରାଣ ହରାଇଛି। ଗୁଳି ମାଡ ପରେ ତା'କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଛି। କିଛି ରିପୋର୍ଟରେ ସେ ନିଜକୁ ନିଜେ ଗୁଳି କରିଥିବା କୁହାଯାଇଥିବା ବେଳେ ଆଉ କିଛି ରିପୋର୍ଟରେ ପୁଲିସ୍ ଗୁଳିରେ ଅକ୍ଷୟ ପ୍ରାଣ ହରାଇଥିବା କୁହାଯାଇଛି। ଇଣ୍ଡିଆ ଟୁଡେର ରିପୋର୍ଟରେ କୁହାଯାଇଛି ଯେ ବଦଲାପୁର ସ୍ଥିତ ଗୋଟିଏ ସ୍କୁଲରେ ୨ ଜଣ ନର୍ସରୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣାରେ ଗିରଫ ଅକ୍ଷୟକୁ ଆଜି ପୁଲିସ୍ ଜେଲରୁ ସ୍ଥାନାନ୍ତର କରୁଥିଲା। ଏହି ସମୟରେ ସେ ପୁଲିସ୍ ଠାରୁ ରିଭଲଭର ଛଡାଇ ନେଇ ଗୁଳିମାଡ





କରିଥିଲା। ପୁଲିସ ଭ୍ୟାନ ଭିତରେ ସେ ଗୁଳି ମାଡ କରି ଖସି ଯିବାକୁ ଚେଷ୍ଟା କରୁଥିଲା।ହେଲେ ପୁଲିସ୍ ପକ୍ଷରୁ ମଧ ଏହାର ଜବାବ ଦିଆଯାଇଥିଲା। ଏହି ଗୁଳି ବିନିମୟରେ ଦୁଇ ଜଣ ପୁଲିସ କର୍ମଚାରୀ ମଧ ଆହତ ହୋଇଛନ୍ତି। ସେହିପରି ପୁଲିସ୍‌ର ଗୁଳି ଅକ୍ଷୟ ଦେହରେ ମାଡ ହେବାରୁ ସେ ବି ଗୁରୁତର ହୋଇଥିଲା। ତା'କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ହସ୍ପିଟାଲରେ ସେ ଆଖି ବୁଜିଛି। ତା' ଗୁଳି ମାଡରେ ଆହତ ହୋଇଥିବା ଦୁଇ ପୁଲିସ୍ କର୍ମଚାରୀଙ୍କର ଏବେ ଚିକିତ୍ସା ଚାଲିଛି।

## ମୁଣ୍ଡ ନୁଆଁଇଲେ ରାଜ୍ୟ ସରକାର: ଭାରତପୁର ମାମଲାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ପରେ ଆନ୍ଦୋଳନରୁ ଓହରିଲା ବିଜେଡି

ଭୁବନେଶ୍ୱର, ୨୩।୯(ପି.ଏନ): ବିଜେଡି ଦାବି ଆଗରେ ମୁଣ୍ଡ ନୁଆଁଇଲେ ରାଜ୍ୟ ସରାକର । ଦାବି ପୂରଣ ହୋଇଥିବାରୁ ଆସନ୍ତାକାଲି ଭୁବନେଶ୍ୱର ବନ୍ଦ ନିଷ୍ପତ୍ତିରୁ ଓହରିଛି ବିଜେଡି । ଭରତପୁର ଥାନା ଘଟଣାରେ ନବୀନ ପଟ୍ଟନାୟକଙ୍କ ଦାବି ରାଜ୍ୟ ସରକାର ମାନି ନେଇଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି । ବିଜେଡି କହିଛି, ନିହାତି ଆବଶ୍ୟକ ନ ହେଲେ ଦାୟିତ୍ୱ ସଂପନ୍ନ ଦଳ ଭାବେ ଜନ ସାଧାରଣଙ୍କୁ ଅସୁବିଧାରେ ପକାଇବାକୁ ଉଚିତ ମନେ କରୁନାହୁଁ । ଡେରି ହେଲେ ବି ନବୀନଙ୍କ ଦାବି ଅନୁସାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ରାଜ୍ୟ ସରକାର । ୬୦ ଦିନ ଭିତରେ ଘଟଣାର ନିରପେକ୍ଷ ତଦନ୍ତର ରେଜଲ୍ଟକୁ ଅପେକ୍ଷା କରିଛି ଦଳ । ପୀଡ଼ିତାଙ୍କୁ ନ୍ୟାୟ ନମିଳିଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି ବିଜେଡି । ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲେ, ଅପରାଧୀଙ୍କ ପାଇଁ ଦୃଷ୍ଟାନ୍ତ ହୋଇଥାନ୍ତା ବୋଲି ବିଜେଡି କହିଛି । ଭରତପୁର ଥାନା ଲଜ୍ଜା ଘଟଣାରେ ବିଜେଡି ଆସନ୍ତାକାଲି ଭୁବନେଶ୍ୱର ବନ୍ଦ କରିବନି । ନବୀନ ପଟ୍ଟନାୟକଙ୍କ ଦାବିକୁ ମାନି ବିଚାର ବିଭାଗୀୟ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଭୁବନେଶ୍ୱର ବନ୍ଦ ନିଷ୍ପତ୍ତିକୁ ସାମୟିକ ଭାବେ ସ୍ଥଗିତ ରଖିଛି ବିଜେଡି । ପୀଡ଼ିତାଙ୍କ ନ୍ୟାୟ ପାଇଁ ନିର୍ଦ୍ଧାରିତ ୬୦ ଦିନକୁ ଅପେକ୍ଷା କରିଛି । ପୂର୍ବରୁ କେବଳ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଶ୍ନ ଉଠିଥିଲା, ପୋଲିସ ବିରୋଧରେ ପୋଲିସ କିପରି ତଦନ୍ତ କରିବ । ତେଣୁ ନବୀନ ପଟ୍ଟନାୟକ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ । ତାକୁ ରାଜ୍ୟ ସରକାର ମାନି ନେଇଛନ୍ତି ।ସେପଟେ ବିଜେପି ସରକାର ସମୟରେ ରାଜ୍ୟର ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ବଢ଼ିବାରେ ଲାଗିଛି । ଓଡ଼ିଆ ଏଏସଓଙ୍କୁ ମାଡ଼ ମାରିଥିଲେ ରାଜ୍ୟପାଳଙ୍କ ପୁଅ । ନ୍ୟାୟ ପାଇଁ ପ୍ରବଳ ଦାବି ପରେ ଜିଲ୍ଲାପାଳ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସରକାର । ୧୫ ଦିନରେ ରିପୋର୍ଟ ଆସିବା କଥା, କିନ୍ତୁ ଏଯାଏଁ ରିପୋର୍ଟ ଆସିନି । ଏଥିସହ ରାଉରକେଲା ନାବାଳିକା ଗଣଦୁଷ୍କର୍ମ, ନବରଙ୍ଗପୁରରେ ଭାତ୍ରା ସମ୍ପ୍ରଦାୟର ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ, ଭରତପୁର ଥାନା ଲଜ୍ଜା ପରି ଘଟଣା ଖବରର ଶିରୋନାମା ପାଲଟିଛି । ବିଜେଡି ଦାବି କରିଛି, କାହାଣୀ ନ କହି ରାଜ୍ୟ ସରକାର କାମ କରନ୍ତୁ ଓ ଦିନ ନ ଗଡାଇ ତୁରନ୍ତ ନ୍ୟାୟ ଦିଅନ୍ତୁ ।ବିଜେପି ସରକାର ବିରୋଧରେ ଏକ ସଙ୍ଗୀନ ଅଭିଯୋଗ ଆଣିଛି ବିଜେଡି । ଭରତପୁର ଥାନା ଘଟଣା ୧୪ ତାରିଖ ରାତିରେ ହୋଇଥିବା ବେଳେ ୧୭ ତାରିଖରେ ସୁଭଦ୍ରା ଯୋଜନା ପାଇଁ ମୋଦିଙ୍କ ଗସ୍ତ ଥିବାରୁ ଏହାକୁ ଚାପି ଦେବାକୁ ଚେଷ୍ଟା କରିଥିଲା ବିଜେପି । ବିଜେଡି ପକ୍ଷରୁ ସନ୍ଦେହ କରାଯାଇଛି, ୪ ଦିନ ହେଲାଣି ପୋଲିସ ପୀଡ଼ିତାଙ୍କ ଏକପାଖିଆ ଭିଡିଓ ଭାଇରାଲ୍ କରି ତାଙ୍କର ଚରିତ୍ର ସଂହାର କରୁଛି । ପ୍ରମାଣ ନଷ୍ଟ କରାଯାଉଥିବା ବି ଦଳ ସନ୍ଦେହ କରିଛି । ତେଣୁ ନ୍ୟାୟିକ ତଦନ୍ତ ପୂର୍ବରୁ ଟର୍ମସ ଅଫ ରେଫରାନ୍ସ ଘୋଷଣା କରି କୋର୍ଟ ଆଗରେ ଅନ୍ତରୀଣ ରିପୋର୍ଟ ରଖାଯାଉ ବୋଲି ଦଳ ଦାବି କରିଛି ।ରାଜନୀତି ନୁହେଁ, ବରଂ ପୀଡ଼ିତାଙ୍କୁ ନ୍ୟାୟ ଓ ମହିଳାଙ୍କ ସମ୍ମାନ ରକ୍ଷା ସବୁ ସମୟରେ ନବୀନ ପଟ୍ଟନାୟକଙ୍କ ଫୋକସରେ ରହି ଆସିଛି । ହେଲେ ବିଜେପି ସରକାରର ପ୍ରଥମ ୧୦୦ ଦିନରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଯୋଗୁଁ ସାରା ଦେଶରେ ଓଡ଼ିଶା ନିନ୍ଦିତ ହେଉଛି ।

### ଅଭିଯୋଗ ପ୍ରକୋଷ୍ଠକୁ ଆସି ମହିଳା ହଟହଟା, ମିଳିଲାନି ମୁଖ୍ୟମନ୍ତ୍ରୀ ଦେଖା

ଭୁବନେଶ୍ୱର, ୨୩।୯(ପି.ଏନ): ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇବାକୁ ଆସି ମହିଳା ହଟହଟା । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା ନପାଇ ନିରାଶ । ଏମିତି ଅଭିଯୋଗ ଆଣିଛନ୍ତି କଟକର ଜଣେ ମହିଳା । ମହିଳା ଆଣିଥିବା ଅଭିଯୋଗ ଗୃହ ବିଭାଗ ଅଧୀନର ଥିଲା । ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ବି ଉପସ୍ଥିତ ଥିଲେ । ହେଲେ ଅଭିଯୋଗକାରୀଙ୍କ ସମସ୍ୟା ମୁଖ୍ୟମନ୍ତ୍ରୀ ନଶୁଣି, ଶୁଣିଥିଲେ ବିଭାଗୀୟ ଅଧିକାରୀ । ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ମହିଳା ଜଣଙ୍କ । ଅଭିଯୋଗ ଅନୁସାରେ, ସ୍ୱାମୀଙ୍କ ବିୟୋଗ ପରେ ଥଇଥାନ ଯୋଜନାରେ ଚାକିରି ପାଇଁ ୪ ବର୍ଷ ଧରି ଗୋଡୁଛନ୍ତି କଟକର ସସ୍ମିତା ସାବତ । କଟକରେ ଅଗ୍ନିଶମ ଅଧିକାରୀ ଥିବା ତାଙ୍କ ସ୍ୱାମୀଙ୍କର ଡ୍ୟୁଟି ସମୟରେ ବିୟୋଗ ଘଟିଥିଲା । ଅନୁକମ୍ପା ମୂଳକ ଚାକିରି ପାଇଁ ଗୁହାରୀ କରୁଥିଲେ ବି କେହି ଶୁଣୁ ନଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦୁଃଖ ଜଣାଇବାକୁ ଆସିଥିଲେ । ହେଲେ ଅଭିଯୋଗ ପ୍ରକୋଷ୍ଠରେ ତାଙ୍କୁ ମୁଖ୍ୟମନ୍ତ୍ରୀ ସହ ଭେଟିବାର ସୁଯୋଗ ମିଳିଲା ନାହିଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଦୀର୍ଘଦିନ ପରେ ପୁଣି ଖୋଲିଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ହଜାରେରୁ ଅଧିକ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟ ଅଧିକାରୀ । ଦିବ୍ୟାଙ୍ଗ, ଅବହେଳିତ, ପଛୁଆ ବର୍ଗ ଓ ମହିଳାଙ୍କ ଅଭିଯୋଗକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ଲକ୍ଷ୍ୟରେ ସରକାର କାମ କରୁଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ




ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅଭୁଲା ସ୍ମୃତି

ସାଂସ୍କୃତିକ ପୃଷ୍ଠଭୂମିରେ ମନ୍ଦିରମାଳିନୀ ଆମର ଏହି ପବିତ୍ର ଉତ୍କଳ ବିଭବ ବିମଣ୍ଡିତ। ଏହି ପ୍ରାଣ ପ୍ରାଚୁର୍ଯ୍ୟଭରା ଆମ ପବିତ୍ର ଉତ୍କଳ ବା ଓଡିଶାର ଶୋଭା ପସରା ଅତୀବ ମନୋରମ। ପାହାଡ ପର୍ବତ ଘେରା ଘଂଚ ବନରାଜିର ଅଫୁରନ୍ତ ଶୋଭା ପ୍ରତିଟି ଉତ୍କଳୀୟ ପ୍ରାଣରେ ନବ ପୁଲକ ସଂଚାର କରିଥାଏ। କଳାସଂସ୍କୃତିରେ ମହିମାମୟ ରୁଦ୍ଧିମନ୍ତ ଉତ୍କଳର ଶୋଭାରାଜି କବି ହୃଦୟକୁ ଆହ୍ଲାଦ କରିବା ସହ ସେ ହୃଦୟରୁ ନିହ୍ନାଦିତ କରିଥାଏ। "ବନ୍ଦେ ଉତ୍କଳ ଜନନୀ ଚାରୁ ହାସମୟୀ, ଚାରୁ ହାସମୟୀ ଜନନୀ, ଜନନୀ, ଜନନୀ"। ଯେଉଁ ଉତ୍କଳରେ ଜଗତର ନାଥ କାଳିଆ ସାଆନ୍ତ କୋଟି ଓଡିଆର ମଉଡମଣୀ ବିରାଜମାନ କରିଛନ୍ତି, ଏହି ପବିତ୍ର ଓଡିଶା ମାଟିରେ, ଯେଉଁ ମାଟିରେ ଶାନ୍ତି, ମୈତ୍ରୀ ଓ ପ୍ରୀତିର ଶବ୍ଦ ତରଙ୍ଗ ପ୍ରତିଧ୍ୱନିତ ହୁଏ। ଉତ୍କୃଷ୍ଟ କଳାତ୍ମକ ଆମର ଏ ଦେଶର ଅଧିବାସୀଙ୍କୁ ଓଡିଆ ବା ଉତ୍କଳୀୟ କୁହାଯାଏ।

୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଓଡିଶା ଇତିହାସରେ ଏକ ସ୍ମରଣୀୟ ଦିବସ। ଭାରତ ମାନଚିତ୍ରରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶଭାବେ ସେହିଦିନ ସ୍ଥାନ ପାଇଲା। ସେଥିପାଇଁ ଏହି ଦିବସଟି ପ୍ରତ୍ୟେକ ଓଡିଆଙ୍କ ପାଇଁ ଏକ ଅବିସ୍ମରଣୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଦିନ। ଏହି ଦିବସରେ ଆବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ଏହି ପବିତ୍ର ଦିବସଟିକୁ ଅତି ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଥାନ୍ତି। ଏବଂ ଗୌରବମୟ ଅତୀତର ସ୍ମୃତି ଚାରଣ କରିଥାନ୍ତି। ଏହି ଦିନରେ ଆମ ଉତ୍କଳ ଜନନୀ ବହୁ ଘାତ ପ୍ରତିଘାତ ସତ୍ୱେ ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ପରିଣତ ହୋଇଥିଲା। ଫଳସ୍ୱରୂପ ଶତାବ୍ଦୀ ଶତାବ୍ଦୀ ଧରି ସ୍ୱୀୟ, ଉଚ୍ଚ ପରମ୍ପରା, ସଂସ୍କୃତି ଓ ମୂଲ୍ୟବୋଧର ସ୍ୱାତନ୍ତ୍ର୍ୟ ବ୍ୟାସ ରଖିଆସିଥିବା ଓଡିଆ ଭାଷା ଲୋକମାନଙ୍କର ସ୍ୱାତନ୍ତ୍ର୍ୟ ପ୍ରଦେଶ ଗଠନର ଆଶା, ଆକାଂକ୍ଷା ଓ ସ୍ୱପ୍ନ ବାସ୍ତବରେ ରୂପାୟିତ ହୋଇଥିଲା। ଏହାର ଐତିହାସିକ ପୃଷ୍ଠଭୂମିକୁ ଅବଲୋକନ କଲେ ଜଣାପଡେ ଓଡିଶାର ଶେଷ ହିନ୍ଦୁ ରାଜା ମୁକୁନ୍ଦଦେବଙ୍କ ୧୫୬୮ ଖ୍ରୀଷ୍ଟାବ୍ଦରେ ମୃତ୍ୟୁପରେ ଉତ୍କଳର ଭାଗ୍ୟାକାଶରେ ଘୋର ଦୁର୍ଦ୍ଦିନ ଘୋଟିଆସେ। ଆଫଗାନ୍, ମୋଗଲ ଓ ମରହଟ୍ଟାମାନେ ଓଡିଶା ଆକ୍ରମଣ କରି ଏହାର ଐକ୍ୟ, ସଂସ୍କୃତି, ଐତିହ୍ୟ ଓ ସ୍ୱାତନ୍ତ୍ର୍ୟକୁ ଲୋପ କରିବାକୁ ପ୍ରଚେଷ୍ଟା କରନ୍ତି। ୧୭୬୫ରେ ଲର୍ଡ କ୍ଲାଇବ୍ ବଙ୍ଗ, ବିହାର ସହିତ ଓଡିଶାର ଦେଓ୍ୱାନୀ ଗ୍ରହଣ କରନ୍ତି। ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଇଂରେଜମାନଙ୍କର ଶାସନାଧିନ ହୁଏ। ଏହିପରି କାଳର କ୍ରୁର ପରିହାସରେ ବିଜୟ ବିମଣ୍ଡିତ ଇତିହାସ ପ୍ରସିଦ୍ଧ ଋରୁହାସ୍ୟମୟୀ, ଋରୁଭାଷମୟୀ, ଉତ୍କଳ ଜନନୀ ଶ୍ରୀ ହୀନା, ଛିନ୍ନମସ୍ତା, ଶୀର୍ଣ୍ଣ, କଳେବର ହୋଇଯାଏ। ୧୮୫୭ରେ ଅନୁଷ୍ଠିତ ଐତିହାସିକ ସିପାହୀ ବିଦ୍ରୋହ ଭାରତୀୟ ସ୍ୱାଧିନତା ସଂଗ୍ରାମ ପାଇଁ ଥିଲା ପ୍ରଥମ ସ୍ୱର ଉତୋଳନ। ମାତ୍ର ଏହା ବହୁ ପୂର୍ବରୁ ଅର୍ଥାତ୍ ୧୮୧୭ ଖ୍ରୀଷ୍ଟାବ୍ଦରେ ଓଡିଶାର ବରପୁତ୍ର ଦୁର୍ଦ୍ଧର୍ଶ ପାଇକ ଯୋଦ୍ଧା ବକ୍ସି ଜଗବନ୍ଧୁ ଇଂରେଜ ସରକାର ବିରୁଦ୍ଧରେ ରଣ ହୁଙ୍କାର ଦେଇଥିଲେ।

ଏହା ଓଡିଶାରେ ଇଂରେଜ ସ୍ଥିତିକୁ ଅଳ୍ପକାଳ ପାଇଁ ଦୋହଲାଇ ଦେଇଥିଲା। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହୁଏ। ଏହା ବହୁ ପୂର୍ବରୁ ସମ୍ବଲପୁରର ବୀର ସୁରେନ୍ଦ୍ରସାଏ ଇଂରେଜ ସରକାର ବିରୁଦ୍ଧରେ ୧୮୨୬ ମସିହାରେ ସ୍ୱର ଉତୋଳନ କରନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଇଂରେଜ ସରକାର ବିରୋଧରେ ଓଡିଶାରେ ହିଁ ପ୍ରଥମେ ଜନ ଜାଗରଣ ହୋଇଥିଲା।

ଦିନ ଥିଲା, ପ୍ରାଚୀନ ଓଡିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଓଡିଶାର ବଣିକ ବୃନ୍ଦ ଜାଭା, ସୁମାତ୍ରା, ବର୍ଲି, ସିଂହଳ ଓ ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପମାନଙ୍କୁ ଯାତ୍ରାକରି ଏ ରାଜ୍ୟକୁ ସମୃଦ୍ଧିଶାଳୀ କରିଥିଲେ। ବୀର ଓ ଦୁର୍ଦ୍ଧର୍ଷ ଜାତି ରୂପେ ଓଡିଆମାନେ ସମଗ୍ର ଦେଶରେ ସୁନାମ ଅର୍ଜନ କରିଥିଲେ। ଓଡିଶାର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଏବଂ ସାହିତ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା। ମାତ୍ର କାଳର ରଥଚକ୍ର ତଳେ ସେହି ଗୌରବମୟ ଐତିହ୍ୟ ପେଷି ହୋଇଗଲା। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଚେଦି ବଂଶର ସମ୍ରାଟ ଖାରବେଳ କଳିଙ୍ଗର ଶାସନଭାର ଗ୍ରହଣ କଲେ। ସେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ଜୟ କରି ହୃତ ଗୌରବକୁ ଫେରାଇ ଆଣିଥିଲେ। ଖାରବେଳଙ୍କ ପରେ ଶୈଳୋଦ୍ଭବ ଏବଂ ତତ୍ପରେ ଭୌମବଂଶୀୟ ରାଜାଗଣ ଓଡିଶାରେ ରାଜତ୍ୱ କରିଥିଲେ। ୩୪୨ ଖ୍ରୀଷ୍ଟାବ୍ଦରେ ସମୁଦ୍ରଗୁପ୍ତ ଏବଂ ୬୧୦ ଖ୍ରୀଷ୍ଟାବ୍ଦରେ ଗୌଡ ଦେଶର ରାଜା ଶଶାଙ୍କ ଓଡିଶାରେ ସାମ୍ରାଜ୍ୟ ବିସ୍ତାର କରିଥିଲେ। ନବମ ଶତାବ୍ଦୀ ବେଳକୁ ଓଡିଶା ସୋମବଂଶୀୟ ରାଜାମାନଙ୍କ ଶାସନାଧିନ ଥିଲା। ତତ୍ପରେ କେଶରୀ ବଂଶର ରାଜାମାନେ ଶାସନଭାର ଗ୍ରହଣ କଲେ। ସେମାନଙ୍କ ଅମଳରେ ଓଡିଶାରେ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। କେଶରୀ ବଂଶ ପରେ ଓଡିଶାରେ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କଲେ। ଏହି ବଂଶର ଚୋଳଗଙ୍ଗ ଦେବ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ଲାଙ୍ଗୁଡା ନରସିଂହଦେବ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ। ଗଙ୍ଗବଂଶ ପରେ ଓଡିଶାରେ ସୂର୍ଯ୍ୟବଂଶର ରାଜାମାନେ ରାଜତ୍ୱ ଚଳାଇଲେ। କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଏବଂ ପ୍ରତାପରୁଦ୍ର ଦେବ ଏହି ବଂଶର ପରାକ୍ରମଶାଳୀ ନୃପତି ଥିଲେ। ସେମାନେ ବହୁ ରାଜ୍ୟ ଜୟ କରି ଓଡିଶାର ଉନ୍ନତି ବିଧାନ କରିଥିଲେ। ସୂର୍ଯ୍ୟବଂଶ ପରେ ଓଡିଶାରେ ଭୋଇବଂଶର ରାଜାମାନେ ରାଜୁତି କଲେ। ୧୫୬୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବ ଶାସନଭାର ଗ୍ରହଣ କଲେ। ସେ ଓଡିଶାରେ ଶେଷ ସ୍ୱାଧିନ ହିନ୍ଦୁ ରାଜା। ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫଗାନମାନେ ଓଡିଶାରେ ରାଜତ୍ୱ କରି ଓଡିଶାର ଗୌରବକୁ ଧ୍ୱଂସ କଲେ। ୧୭୫୨ ଖ୍ରୀଷ୍ଟାବ୍ଦରେ ଏହା ମୋଗଲ ସାମ୍ରାଜ୍ୟଭୁକ୍ତ ହେଲା। ଏହାପରେ ମରହଟ୍ଟାମାନେ ଓଡିଶା ଆକ୍ରମଣ କରି ଓଡିଶାର ଗୌରବ, ଐତିହ୍ୟକୁ ଧୂଳିସାତ୍ କଲେ। ପରିଶେଷରେ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଇଂରେଜ ଶାସନାଧିନ ହେଲା। ଇଂରେଜମାନଙ୍କ ରାଜତ୍ୱ କାଳରେ ଓଡିଶାର ସାମାଜିକ, ଆର୍ଥନୀତିକ, ରାଜନୀତିକ ଓ ସାଂସ୍କୃତିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଲା। ସର୍ବଶେଷରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣୀ ଗୋପବନ୍ଧୁ, ପାରଳା ମହାରାଜ କୃଷ୍ଣଚନ୍ଦ୍ର, ମୟୁରଭଞ୍ଜର ରାଜା ଶ୍ରୀ ରାମଚନ୍ଦ୍ର ପ୍ରଭୃତି ବରପୁତ୍ରମାନଙ୍କ ପ୍ରଚେଷ୍ଟାରେ ୧୯୩୬ ମସିହା ଏପ୍ରିଲ୍ ପହିଲା ତାରିଖରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା।

**ସ୍ୱତନ୍ତ୍ର ଓଡିଶା ଗଠନରେ ମନୀଷୀଗଣ:-** ଉତ୍କଳ ଏକତ୍ରୀକରଣରେ ଯେଉଁ ଯୋଗଜନ୍ମା ମନୀଷୀଗଣ ଆପ୍ରାଣ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳଗୌରବ ମଧୁସୂଦନ ଦାସ ଅଗ୍ରଗଣ୍ୟ। ୧୮୪୮ ମସିହା ଏପ୍ରିଲ୍ ୨୮ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ୧୮୬୬ ଖ୍ରୀଷ୍ଟାବ୍ଦରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ସେ କଲିକତା ଯାଇ ୧୮୭୦ରେ ବି.ଏ ଏବଂ ଏମ୍.ଏ ପାସ୍ କଲେ। ମାତୃଭୂମିର ସେବାରେ ପ୍ରାଣୋତ୍ସର୍ଗ କରିବା ପାଇଁ ସେ ୧୮୮୧ ମସିହାରେ ଓଡିଶାକୁ ପ୍ରତ୍ୟାବର୍ତନ କଲେ। ସେତେବେଳକୁ ସେ ଓକିଲାତି ପାସ୍ କରିଥିଲେ।

ସେତେବେଳକୁ ଓଡିଶାରେ ଘୋର ଦୁର୍ଦ୍ଦିନ ଦେଖାଦେଇଥିଲା। ଏପରି ଏକ ମୁହୂର୍ତ୍ତରେ ଏସବୁ ଆବିର୍ଭୁତ ହୋଇ ଏ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଲେ। ତାଙ୍କର ବଳିଷ୍ଠ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠିତ ହେଲା। ସମ୍ମିଳନୀ ମଣ୍ଡପରେ ସେ ଦଣ୍ଡାୟମାନ ହୋଇ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ:- ***"ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ/କୋଟି ପ୍ରାଣବିନ୍ଦୁ ଧରେ/ତୋ'ର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ/ଡେଇଁପଡି ସିନ୍ଧୁ ନୀରେ।।"***

ମଧୁବାବୁଙ୍କ ଆପ୍ରାଣ ଚେଷ୍ଟାରେ ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହୋଇ ଓଡିଶାରେ ମିଶିଲା। ୧୯୧୩ରୁ ୧୯୨୩ ମସିହା ପର୍ଯ୍ୟନ୍ତ ମଧୁବାବୁ ବିହାର-ଓଡିଶା ପ୍ରଦେଶର କାଉନ୍‌ସିଲର ସଭ୍ୟ ହୋଇ ମନ୍ତ୍ରୀପଦରେ ଅଧିଷ୍ଠିତ ହୋଇଥିଲେ। ସେ ୧୯୧୭ରେ ଭାରତର ସଚିବ ମଂଟେଗୁ ଓ ଚେମସ୍‌ଫୋର୍ଡଙ୍କ ସହିତ ସାକ୍ଷାତ କରି ଓଡିଶା ପ୍ରଦେଶ ଗଠନ ପାଇଁ ଦାବୀ ଉପସ୍ଥାପନ କଲେ। ୧୯୨୭ ସାଲରେ ସାଇମନ କମିଶନ ଉତ୍କଳୀୟମାନଙ୍କ ଦାବୀ ଯଥାର୍ଥ ବୋଲି ହୃଦୟଙ୍ଗମ କଲେ। ୧୯୩୧ ସାଲରେ ଓଡନେଇ କମିଟି ମାଧ୍ୟମରେ ସରକାର ଓଡିଶାର ନ୍ୟାଯ୍ୟ ଦାବୀ ସମ୍ପର୍କରେ ଅନୁସନ୍ଧାନ କଲେ। ୧୯୩୬ ଏପ୍ରିଲ୍ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା। କିନ୍ତୁ ତା' ପୂର୍ବରୁ ଏଇ ବରପୁତ୍ର ୧୯୩୪ରେ ଇହଲୀଳା ସମ୍ବରଣ କରିଥିଲେ।

ଉତ୍କଳୀୟ ଏକତ୍ରୀକରଣରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ୧୮୭୭ ମସିହାରେ ସେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ଦେଶ, ଜାତି ଓ ସମାଜ କଥା ସେ ନିରନ୍ତର ଭାବୁଥିଲେ। ମରୁଡି ଓ ବନ୍ୟାବେଳେ ସେ ବୁଭୁକ୍ଷୁ ଲୋକଙ୍କ ମଧ୍ୟରେ ଚୂଡା ଋଉଳ ବାଂଟୁଥିଲେ। ସଂକୀର୍ଣ୍ଣତା ଓ ସ୍ୱାର୍ଥପରତାରୁ ସେ ସର୍ବଦା ଉର୍ଦ୍ଧ୍ୱରେ ଥାଇ ସେବାରେ ବ୍ରତୀ ଥିଲେ। ବିଚ୍ଛିନ୍ନାଂଚଳରେ ସଙ୍ଗଠନ କରି ଓଡିଆ ଭାଷାଭାଷୀମାନଙ୍କୁ ଏକତ୍ରୀକରଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେ ଓଡିଶାରେ ମହାତ୍ମା ଗାନ୍ଧିଙ୍କ ବାର୍ତା ପ୍ରଋର କରିବା ସଙ୍ଗେ ସଙ୍ଗେ ମଧୁବାବୁଙ୍କ କାର୍ଯ୍ୟରେ ସହାୟତା କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ଆଉ ଜଣେ ମହାରଥି ହେଉଛନ୍ତି ପାରଳାର ଗଜପତି କୃଷ୍ଣଚନ୍ଦ୍ର ଦେବ। ୧୯୩୦ ମସିହାରେ ଲଣ୍ଡନଠାରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଓଡିଶାର ପ୍ରତିନିଧିତ୍ୱ କରିବା ଉଦ୍ଦେଶ୍ୟରେ ବିହାର ଓଡିଶା ସରକାର ତାଙ୍କ ନାମ ସୁପାରିଶ କଲେ। କିନ୍ତୁ କୃଷ୍ଣଚନ୍ଦ୍ର ଲଣ୍ଡନରେ ପହଚିଂବା ପୂର୍ବରୁ ଗୋଲଟେବୁଲ ବୈଠକରେ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇସାରିଥିଲା। ସୁତରାଂ ସେ ଓଡିଶାର ଦାବି ଉପସ୍ଥାପିତ କରିପାରିଲେ ନାହିଁ। ୧୯୩୧ ମସିହା ସାର୍ ଉଇଲିୟମ୍ ଡୋଓ୍ୱେଟଙ୍କ ଅଧ୍ୟକ୍ଷତାରେ ଏକ ବିଠକ ଅନୁଷ୍ଠିତ ହେଲା। ସିନ୍ଧୁପ୍ରଦେଶ ଗଠନ ସମ୍ପର୍କରେ ସବ୍‌କମିଟି ରିପୋର୍ଟ ବିଚାର ହେବାର କାର୍ଯ୍ୟକ୍ରମ ଥିଲା। ଉକ୍ତ ବୈଠକରେ ଓଡିଆମାନଙ୍କର ନ୍ୟାଯ୍ୟ ଦାବି ଉପସ୍ଥାପିତ କରିବା ପାଇଁ ସେ ବିଲାତ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ। ତାଙ୍କର ଅନୁମତି କ୍ରମେ କୃଷ୍ଣଚନ୍ଦ୍ର ଓଡିଆମାନଙ୍କର ଦୂରବସ୍ଥା ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନର ଗୁରୁତ୍ୱ ସମ୍ପର୍କରେ ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରିବାରେ ସମର୍ଥ ହୋଇଥିଲେ। ତାଙ୍କର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାବି ପ୍ରଥମ ଗୋଲଟେବୁଲ ବୈଠକରେ ସମସ୍ତ ପ୍ରତିନିଧିଙ୍କର ଦୃଷ୍ଟି ଆକର୍ଷଣ କରିଥିଲା।

ଗୋଲଟେବୁଲ ବୈଠକରେ ଅନ୍ୟତମ ସଦସ୍ୟ ତଥା ରାଷ୍ଟ୍ରସଚିବ ସାମୁଏଲ୍ ହୋରଙ୍କ ସହିତ କୃଷ୍ଣଚନ୍ଦ୍ରଙ୍କର ବ୍ୟକ୍ତିଗତ ସମ୍ପର୍କ ଥିଲା। ଲଣ୍ଡନରେ ତୃତୀୟ ଗୋଲଟେବୁଲ ବୈଠକ ବସିଥିବାବେଳେ ସାମୁଏଲ୍ ସାହେବ ଓଡିଶା ତରଫରୁ ଆୟୋଜିତ ଭୋଜିସଭାରେ ୧୯୩୪ରେ ଯୋଗଦାନ କରିଥିଲେ। ଏହି ସଭାରେ ସେ କୃଷ୍ଣଚନ୍ଦ୍ରଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଉତ୍କଳମାତାର ସେଇ ଦୁଇ ବରପୁତ୍ର ଉତ୍କଳ ସମ୍ମିଳନୀ ଆରମ୍ଭ ହେବା ଦିନଠାରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେବା ପର୍ଯ୍ୟନ୍ତ ନିଜକୁ ବିଜଡିତ କରିଥିଲେ। ସେତେବେଳେ ମାଡ୍ରାସ ପ୍ରେସିଡେନ୍ସି ଅଧିନରେ ଗଞ୍ଜାମ ଅନ୍ତର୍ଭୁକ୍ତ ଥିଲା। ହରିହରଙ୍କ ନେତୃତ୍ୱରେ ଗଞ୍ଜାମବାସୀ ସକ୍ରିୟ ହୋଇଉଠିଲେ। ଏହାପରେ ସେ ମଧୁସୂଦନ, ରାଧାନାଥ ଓ ଫକୀରମୋହନଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କର ଜାତୀୟତାର ଆଭାସ ପାଇ କବି ନୀଳମଣି ବିଦ୍ୟାରତ୍ନ ରମ୍ଭା ଆସିଲେ। ତାଙ୍କର ପ୍ରେରଣାରେ ପ୍ରୋତ୍ସାହିତ ହୋଇ ହରିହର ରମ୍ଭାରେ ଏକ ପ୍ରେସ୍ ସ୍ଥାପନ କରି "ପ୍ରଜାବନ୍ଧୁ", "ମଧୁପ" ଓ "ସଂସ୍କାରକ" ନାମକ ପତ୍ରିକା ପ୍ରକାଶ କରି ଓଡିଆମାନଙ୍କର ନ୍ୟାର୍ଯ୍ୟ ଦାବି, ଦୁଃଖଦୁର୍ଦ୍ଦଶା ଉପସ୍ଥାପନା କଲେ। ତାଙ୍କ ନେତୃତ୍ୱରେ ରମ୍ଭାରେ ଏକ ସଭା ଆହୂତ ହେଲା। ଏହା ପରବର୍ତୀ କାଳରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା। ବିଭିନ୍ନ ସଭାସମିତିର ସୁପରିଋଳନା ପାଇଁ ସେ ଆର୍ଥିକ ସାହାଯ୍ୟ ଦେଉଥିଲେ। ୧୯୦୮ ମସିହାରେ କଟକ ଠାରେ ଉତ୍କଳ ସମ୍ମିଳନୀର ଷଷ୍ଠ ଅଧିବେଶନ ଅନୁଷ୍ଠିତ ହେଲା। ଏଥିରେ ହରିହର ଯୋଗଦାନ କରି ଏହାକୁ ତୀବ୍ରତର କରିବା ପାଇଁ ପ୍ରସ୍ତାବମାନ ଦେଲେ। ଦକ୍ଷିଣ ଓଡିଶାର ଓଡିଆ ଆନ୍ଦୋଳନର କର୍ଣ୍ଣଧାର ରୂପେ ହରିହର ଯେଉଁ ଭୂମିକା ଗ୍ରହଣ କରିଥିଲେ, ତାହା ଓଡିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ତା'ପରେ ୧୯୨୧ରୁ ତାଙ୍କର ସୁଯୋଗ୍ୟ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ ପିତାଙ୍କ ପଥ ଅନୁସରଣ କରିଥିଲେ। ଦେଶ ମିଶ୍ରଣର ଶେଷ ନିଷ୍ପତି ପାଇଁ ଗଭର୍ଣ୍ଣର ଜେନେରାଲ ଫିଲିପ୍ ସାହେବ ଓ ଡଫ୍ ସାହେବଙ୍କୁ ନିଯୁକ୍ତ କଲେ। ଫିଲିପ୍-ଡଫ୍ କମିଶନ ଗଞ୍ଜାମ ପରିଦର୍ଶନକୁ ଯେତେବେଳେ ଆସିଲେ, ସେତେବେଳେ ରାମଚନ୍ଦ୍ର ଉତ୍କଳ ସମ୍ମିଳନୀର ଇତିହାସ ଓ ତାଙ୍କ ପିତାଙ୍କ ଦେଶ ମିଶ୍ରଣ ପାଇଁ ଉଦ୍ୟମ ଶୁଣାଇ ଏକ ଲିଖିତ ଦାବି ଉପସ୍ଥାପନ କଲେ। କମିଶନ ଓଡିଆମାନଙ୍କର ଦାବି ଯଥାର୍ଥ ବୋଲି ହୃଦୟଙ୍ଗମ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କଲେ। ୧୯୨୭ରେ ରାମଚନ୍ଦ୍ର ମର୍ଦ୍ଦରାଜ ସାଇମନ କମିଶନଙ୍କୁ ଗଞ୍ଜାମ ତରଫରୁ ଏକ ସ୍ମାରକପତ୍ର ଦେଲେ। ୧୯୩୨ ସାଲରେ ଲଣ୍ଡନଠାରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ ବୈଠକରେ ସେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ବଳିଷ୍ଠ ଯୁକ୍ତି ବାଢିଲେ। ଓଡିଶା ଗଠନ ନିମିତ୍ତ ଜନ୍ ହବାକ୍‌ଙ୍କ ନେତୃତ୍ୱରେ ଏକ କମିଟି ରମ୍ଭାରେ ପଂହଚି ରାମଚନ୍ଦ୍ରଙ୍କ ସହ ସାକ୍ଷାତ କଲେ। କମିଟି ରାମଚନ୍ଦ୍ରଙ୍କର ବହୁ ବଳିଷ୍ଠ ଯୁକ୍ତି ଗ୍ରହଣ କଲେ। ବାଲେଶ୍ୱର ରାଜା ବୈକୁଣ୍ଠନାଥ ଦେ ଆଉ ଜଣେ ମହାରଥି। ସେ ମର୍ମେ ମର୍ମେ ଅନୁଭବ କଲେ ଯେ ଜାତୀୟଚେତନାର ଅଭିବୃଦ୍ଧି ପାଇଁ ସମ୍ବାଦପତ୍ରର ଭୂମିକା ଆବଶ୍ୟକ। ତେଣୁ ସେ ୧୮୭୩ ମସିହାରେ ବାଲେଶ୍ୱରଠାରେ ଏକ ଛାପାଖାନା ନିର୍ମାଣ କରି 'ସମ୍ବାଦ ବାହିକା' ପ୍ରକାଶ କଲେ। ଓଡିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ବଙ୍ଗଳା ଭାଷା ବିରୋଧରେ ସ୍ୱର ଉତୋଳନ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା। ଓଡିଆ ଭାଷାର ଉନ୍ନତି ନିମିତ୍ତ ସେ କେତୋଟି ବିଦ୍ୟାଳୟ ପ୍ରତିଷ୍ଠା କଲେ ଏବଂ ନିଜେ ଓଡିଆରେ କେତୋଟି ପାଠ୍ୟ ପୁସ୍ତକ ମଧ୍ୟ ରଚନା କଲେ। ସେ ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ପାଇଁ ବଦ୍ଧ ପରିକର ହେଲେ। ଜନମତ ସୃଷ୍ଟି କରିବା ପାଇଁ ସେ ୧୮୭୯ ମସିହାରେ ବାଲେଶ୍ୱରଠାରେ ଏକ ଜାତୀୟ ସଂସଦ ଗଠନ କରି ସଭାପତି ଆସନ ଅଳଙ୍କୃତ କରିଥିଲେ। ଓଡିଆ ଭାଷାଭାଷୀ ଅଂଚଳ ଏକତ୍ର କରିବା ପାଇଁ ସେ ଏହା ପୂର୍ବରୁ ବଙ୍ଗଳାର ତତ୍କାଳୀନ ଲେଫଟ୍‌ନାଂଟ ଗଭର୍ଣ୍ଣରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ରାଜା ବୈକୁଣ୍ଠନାଥ ଦେ ଏବଂ ଅନ୍ୟମାନଙ୍କ ପ୍ରଚେଷ୍ଟା ଯୋଗୁଁ ୧୯୦୫ ମସିହାରେ ସମ୍ବଲପୁର ଓଡିଶାରେ ସାମିଲ ହେଲା।

ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାରେ ଚନ୍ଦ୍ରଶେଖର ବେହେରାଙ୍କ ଅବଦାନ ମଧ୍ୟ ଅତୁଳନୀୟ। ସେ ସଂସ୍କାରବାଦୀ, ଜନସେବକ ଓ ଜାତୀୟ କଂଗ୍ରେସର ପରମ ଭକ୍ତ ଥିଲେ। ସମ୍ବଲପୁରକୁ ଓଡିଶାରେ ଅନ୍ତର୍ଭୂକ୍ତ କରାଇବାରେ ସେ ମଧ୍ୟ ପ୍ରବଳ ଉଦ୍ୟମ କରିଥିଲେ। କର୍ମବୀର ଗୌରୀଶଙ୍କର ଓଡିଶାର ଆଉ ଜଣେ ସୁଯୋଗ୍ୟ ସନ୍ତାନ। ସେ ୧୮୭୮ ମସିହାରେ 'ଉତ୍କଳ ସଭା' ନାମରେ ଏକ ଅନୁଷ୍ଠାନ ଗଠନ କଲେ। ଓଡିଆ ଭାଷା ଓ ସାହିତ୍ୟର ବିକାଶ କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ ଥିଲା। ତାଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ଆତ୍ମ ପ୍ରକାଶ ଲାଭ କରି ଓଡିଆ ଭାଷା ଓ ସାହିତ୍ୟର ଉନ୍ନତି ସାଧନ କଲା। ଏହି ପତ୍ରିକା ମାଧ୍ୟମରେ ସେ ଓଡିଆବାସୀଙ୍କର ଦୁଃଖଦୁର୍ଦ୍ଦଶାକୁ ଉପସ୍ଥାପନ କଲେ। ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଏବଂ ବିଚ୍ଛିନ୍ନାଂଚଳକୁ ଏକତ୍ରୀକରଣ କରିବାରେ ଆଉ କେତେଜଣ ଯୋଗଜନ୍ମା ମଧ୍ୟ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର ଦେବ, ମୟୁରଭଞ୍ଜର ରାଜା ବିକ୍ରମ ଦେବ, ଫକୀରମୋହନ ସେନାପତି, ଲିଙ୍ଗରାଜ ପାଣିଗ୍ରାହୀ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ବ୍ରଜସୁନ୍ଦର ଦାସ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ଜଗବନ୍ଧୁ ସିଂହ, ରାଧାନାଥ ରାୟ ଓ ତାରିଣୀ ଚରଣ ରଥ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ। ପବିତ୍ର ଉତ୍କଳ ଦିବସରେ ଛାତ୍ରସମାଜ, ଯୁବଗୋଷ୍ଠୀ ଦେଶ ଓ ଜାତିର ଉନ୍ନତି କରିବା ପାଇଁ ସଙ୍କଳ୍ପ ନେବାଉଚିତ। ଉନ୍ନତିମୂଳକ କାର୍ଯ୍ୟ କେତୋଟି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମାବଦ୍ଧ ନ ରହି ସମଗ୍ର ଓଡିଶାର ତିରିଶଟି ଜିଲ୍ଲାରେ ବାଂଟିକରି ହେବା ବିଧେୟ। ଆଂଚଳିକ ମନୋଭାବ ପରିହାର କରି ସମଗ୍ର ରାଜ୍ୟର ଉନ୍ନତି ପରିକଳ୍ପନା କରିବା ଉଚିତ। ରାଜନୈତିକ ନେତାମାନଙ୍କ ମଧ୍ୟରେ କ୍ଷମତା କନ୍ଦଳ ଲାଗି ରହିଲେ ଆମ ରାଜ୍ୟର ଉନ୍ନତି ଅସମ୍ଭବ। ଆଜି ମଧ୍ୟ ଓଡିଶା ବାହାରେ ବହୁ ଓଡିଆ ଅବହେଳିତ ଓ ନିଷ୍ପେସିତ। ଏପରିକି ସେମାନେ ଓଡିଆ ଭାଷାରେ ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି। ବିଚ୍ଛିନ୍ନାଂଚଳରେ ଭାଷା, ସଂସ୍କୃତି ଆଜି ବିପନ୍ନ ହୋଇପଡିଛି। ଏ ଦିଗରେ ଚେତନା ସୃଷ୍ଟି ହେବା ବିଧେୟ। ଆଜିର ଏ ପବିତ୍ର ଉତ୍କଳ ଦିବସରେ ଏ ଦିଗରେ ସରକାର ତଥା ଜନସାଧାରଣଙ୍କ ଚେଷ୍ଟା ଅବ୍ୟାହତ ରହିବା ବିଧେୟ।

# କ୍ଷମା ମାନବ ଜୀବନର ଶିରୋମଣି

କ୍ଷମା ମାନବ ଜୀବନର ଶିରୋମଣି ସଦୃଶ। ଏହା ସବୁଗୁଣ ମଧ୍ୟରେ ଶ୍ରେଷ୍ଠ। କ୍ଷମା ଗୁଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ଆଦିର କିଛି ଭେଦ ବିଚାର ନାହିଁ। ଏହାର ଉତ୍ପତ୍ତି ପ୍ରେମରୁ। ଯେଉଁ ବ୍ୟକ୍ତି କ୍ଷମାଶୀଳ ସେ ସଂସାରର ଯେକୌଣସି ବଡ଼ କାମ ସାଧନ କରିପାରିବ। ଚନ୍ଦନକାଠ ଯେପରି ଘସା ହେଲେ ମଧ୍ୟ ସୁଗନ୍ଧ ବିତରଣ କରେ, ଧୂପ କାଠି ଜଳି ଗଲାବେଳେ ଗନ୍ଧ ବିତରଣ କରେ ମଲ୍ଲୀଫୁଲ ଝଡ଼ି ଗଲାବେଳେ ମଧ୍ୟ ମହକ ଖେଳାଇ ଦିଏ, ସାଧୁ ଲୋକ ସେହିପରି ଦୁଃଖରେ କଷ୍ଟରେ ଜୀବନ ବିତାଉ ଥିଲାବେଳେ ମଧ୍ୟ ନିଜର ସାଧୁତା ଓ କ୍ଷମାଗୁଣ ପ୍ରଦର୍ଶନ କରିଥାଏ। ଫଳ ଖାଇବାକୁ ହେଲେ ଗଛକୁ ରକ୍ଷା କରିବାକୁ ହେବ। ଗଛର ଡାଳପତ୍ର ସହ ଫଳର ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ୍ୟ ଫଳ ନିମନ୍ତେ ଏହାକୁ ରକ୍ଷା କରିବାକୁ ହେବ। ସେହିପରି ଯେଉଁମାନେ ଜ୍ଞାନ ଫଳ ଚାହାନ୍ତି ସେମାନଙ୍କୁ ତପ, ଧ୍ୟାନ, ଭଜନର ଗଛକୁ ପରିପାଳନ କରିବାକୁ ହେବ। ଏହା କଲେ ଯାଇ ମଣିଷ ନିଜର ମଣିଷ ପଣିଆ ଉପଲବ୍ଧି କରିପାରିବ। ଭୌତିକ ହେଉ ବା ଆଧ୍ୟାତ୍ମିକ ହେଉ, ଯେକୌଣସି କର୍ମ କରିବାକୁ ହେଲେ ଦୃଢ଼ ପ୍ରଯତ୍ନ ଦରକାର। ପ୍ରଯତ୍ନ ବିନା କିଛି ହେଲେ ସଫଳ ହେବନାହିଁ। ସାଧନାରେ ପ୍ରଥମେ ହତାଶା ଆସିପାରେ, ବିଫଳତା ଆସିପାରେ, ମାତ୍ର ସାଧନା ପରିତ୍ୟାଗ କରନା। ସାଇକେଲ ଚଢ଼ା ଶିଖିଲାବେଳେ ପ୍ରଥମେ ପ୍ରଥମେ ତଳେ ପଡ଼ି ଆହତ ହେବାର ସମ୍ଭାବନା ଥାଏ। ମାତ୍ର କ୍ରମେ ସାଇକେଲ ଚଢ଼ା ଶିଖିଗଲେ ହାତ ଛାଡ଼ି ମଧ୍ୟ ସାଇକେଲ ଚଳାଇ ହୁଏ। ସାଧନା ଅଭ୍ୟାସ କଲେ ଯାଇ ଜ୍ଞାନର ଫଳ ମିଳିବ। ସେଥିପାଇଁ ପ୍ରଯତ୍ନ ଆରମ୍ଭ କରିବାକୁ ହେବ।

ଅଭ୍ୟାସ ବଳରେ ସଂସାରରେ ଅନେକ କାମ କରାଯାଇ ପାରିବ। ପ୍ରଯତ୍ନ କଲେ ପିମ୍ପୁଡ଼ି ମଧ୍ୟ ଅନେକ ବାଟ ଚାଲିପାରେ, ଉଦ୍ୟମ ନ କଲେ ଚିଲ ଫୁଟେ ବି ଉଡି ପାରିବ ନାହିଁ। ଏଣୁ ଫଳ କର୍ମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ। ସତକର୍ମ ନିମନ୍ତେ ସତସଙ୍ଗ ଦରକାର। ସତସଙ୍ଗର ପବିତ୍ରତା ଅନୁଭବ ଦ୍ୱାରା ବୁଝି ହେବ, ମୁହଁର କଥାରୁ ନୁହେଁ। ସଙ୍ଗ ଫଳ ତୁମକୁ ଗୌରବର ଶିଖରରେ ପହଞ୍ଚାଇ ଦେଇପାରେ କିମ୍ବା ବିନାଶର ଗଭୀରତାରେ ନିକ୍ଷେପ କରିଦେଇପାରେ। ଧୂଳି ପବନ ସଙ୍ଗ ଲାଭ କରି ଆକାଶକୁ ଉଠିଯାଏ, ମାତ୍ର ଜଳର ସଙ୍ଗ ଲାଭ କଲେ କାଦୁଅ ହୋଇ ତଳେ ବସିଯାଏ। ଧୂଳିର ଚାଲିବାକୁ ଗୋଡ଼ ନାହିଁ ବା ଉଡିବାକୁ ଡେଣା ନାହିଁ। ଉପରକୁ ଉଠିବାକୁ ବା ତଳକୁ ଖସିବାକୁ ଦାୟୀ ସଙ୍ଗ। ଖଣ୍ଡିଏ ଲୁହାକୁ ମାଟିରେ ପକାଇଲେ କିଛି ଦିନ ପରେ ସେଥିରେ କଳଙ୍କି ଲାଗିବ, ପୁଣି ସେଇ ଲୁହାକୁ ନିଆଁରେ ପକାଇଲେ ଏହାର କଳଙ୍କି ବା ଅଶୁଦ୍ଧତା ପୋଡ଼ି ଧ୍ୱଂସ ହୋଇଯାଏ। ଏଣୁ ପବିତ୍ରତା ବା ଅପବିତ୍ରତାର କାରଣ ସହବାସ ବା ସଙ୍ଗ।

ଯିଏ ତୁମର ଉପକାର କରେ ତାର ଅପକାର କରିବା, ଯିଏ ତୁମକୁ ଭଲ ପାଏ ତାକୁ ଘୃଣା କରିବା ରାକ୍ଷସ ସ୍ୱଭାବ। ଯିଏ ତୁମକୁ ଭଲ ପାଏ ତାକୁ ଭଲପାଇବା ମନୁଷ୍ୟ ସ୍ୱଭାବ, ମାତ୍ର ଯିଏ ତୁମର ଅପକାର କରେ ତାର ଉପକାର କରିବା, ଯିଏ ଘୃଣା କରେ ତାକୁ ପ୍ରେମ କରିବା, ଦୈବୀ ସ୍ୱଭାବ। ପରମାତ୍ମାଙ୍କ ସ୍ୱଭାବ କେବଳ ପ୍ରେମ। ପ୍ରେମ ଓ କ୍ଷମା ସମାନ। ଏଣୁ ପ୍ରେମ ଓ କ୍ଷମା ମଧ୍ୟରେ ଅଭିନ୍ନ ଭାବ ସମ୍ବନ୍ଧ ବିଦ୍ୟମାନ। ଶାନ୍ତ ଭାବ ଗୋଟିଏ ଭଲ ଗୁଣ। ଏହା ଆତ୍ମାର ସ୍ୱଭାବ। ଯେଉଁମାନେ ଅତି ଆଶାୟୀ ଓ ସ୍ୱାର୍ଥପର ସେମାନଙ୍କ ମନରେ ଏ ଗୁଣ ରହିବ ନାହିଁ। କେବଳ ନିର୍ମଳ ଚିତ୍ତ ଓ ନିଃସ୍ୱାର୍ଥ ଲୋକଙ୍କ ଠାରେ ଏହା ରହିପାରିବ।

ନିର୍ମଳତା ଓ ନିଃସ୍ୱାର୍ଥଭାବ ପରମାତ୍ମାଙ୍କ ଗୁଣ। ପରମାତ୍ମା ମଧ୍ୟ ବାଙ୍କମୟୀ, ଜ୍ୟୋତିର୍ମୟୀ, ଶବ୍ଦ ବ୍ରହ୍ମମୟୀ, ପରାପ୍ରମୟୀ, ଶ୍ରୀମୟୀ, ମାୟାମୟୀ, ଦୟାମୟୀ ଇତ୍ୟାଦି। ପରମାତ୍ମାଙ୍କୁ ନିର୍ଗୁଣ, ନିରଞ୍ଜନ, ସନାତନ, ନିକେତନ, ନିତ୍ୟ, ଶୁଦ୍ଧି, ବୁଦ୍ଧି ବୋଲି ବର୍ଣ୍ଣନା କରାଯାଇଛି। ପରମାତ୍ମା ଯେତେବେଳେ ମନୁଷ୍ୟ ରୂପ ଗ୍ରହଣ କରନ୍ତି, ସେତେବେଳେ ତାଙ୍କର ଦେହ ଚେତନା, କ୍ରୋଧ, ମୋହାଦି ଥିଲା ଭଳି ପ୍ରତୀୟମାନ ହୁଅନ୍ତି। ଏହା ସଂସାର ଲୋକଙ୍କ ପାଇଁ ଛଳନା ମାତ୍ର। ପ୍ରକୃତରେ ତାଙ୍କଠାରେ ଏସବୁ କିଛି ନଥାଏ।

### —ସ୍କାଉଟସ୍ ଏବଂ ଗାଇଡସ୍—

# ଉଦ୍‌ଯାପିତ ହେଲା ରୋଭର ରେଞ୍ଜର ଫିଏଷ୍ଟା



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ଗତ ୨୭ତାରିଖରୁ ଆରମ୍ଭ ହୋଇଥିବା ରୋଭର ରେଞ୍ଜର ଫିଏଷ୍ଟା ଗତକାଲି ସଂଧ୍ୟାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ମାଧ୍ୟମରେ ଉଦ୍‌ଯାପିତ ହୋଇଅଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷ, ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନୀତ ଅତିଥିଭାବେ ରାଜ୍ୟ ସ୍କାଉଟ ଗାଇଡ୍ ଉପସଭାପତି ତଥା ଅଧ୍ୟକ୍ଷା ମହିଳା କମିଶନ ଡଃ. ମିନତୀ ବେହେରା, ରାଜ୍ୟ ସ୍କାଉଟ ଗାଇଡ୍ ଉପସଭାପତି ତଥା ମାନ୍ୟବର ବିଧାୟକ (ମଧ୍ୟ) ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଏସ୍.ଏନ୍.ଓ ଏବଂ ଡେପୁଟି ସେକ୍ରେଟାରୀ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ବେହେରା



ଯୋଗଦେଇ ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ପାଠପଢ଼ା ଉପରେ କିପରି ସୁପ୍ରବାହ ପକାଇଥାଏ, ତା'ର ବର୍ଣ୍ଣନା କରିଥିଲେ। ଫିଏଷ୍ଟାରେ ଅଧକ୍ଷତା କରି ଶ୍ରୀଯୁକ୍ତ ମିଶ୍ର କରୋନାର ପରବର୍ତୀ କାଳରେ ଏହି ଶିବିର ପିଲାମାନଙ୍କ ନିମନ୍ତେ କିପରି ଏକ ମାର୍ଗଦର୍ଶକ ଭାବରେ କାମ କରିପାରିବ ତା'ର ରୂପରେଖ ପ୍ରସ୍ତୁତି ବିଷୟରେ ବ୍ୟାଖ୍ୟା କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୮ଟି ଜିଲ୍ଲାରୁ ୪୫୦ ରୁ ଉର୍ଦ୍ଧ୍ୱ ରୋଭର, ରେଞ୍ଜର, ରୋଭର ସ୍କାଉଟ ଲିଡର, ରେଞ୍ଜର ଲିଡର ଯୋଗ ଦେଇ ଫିଏଷ୍ଟାର ବିଭିନ୍ନ ଦିବସରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ଫୁଡ୍ ଅଫ ଓଡିଶା, ଶାରୀରିକ କ୍ରୀଡ଼ା କୌଶଳ, ଫେଷ୍ଟିଭାଲ ଅଫ ଷ୍ଟେଟ୍, ଷ୍ଟ୍ରିଟ୍ ପ୍ଲେ ଅନ୍ ଜେଣ୍ଡର ବାଏସ, ହିଟ୍ ଦ ଡ୍ୟାନ୍ସ ଫ୍ଲୋର, ର୍ୟାମ୍ପ ୱାକ୍, କୌତୁକ ପୋଷାକ ପରିଧାନ, ଯୋଗାସନ, ବିପି କ୍ରୀଡ଼ା କୌଶଳ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହିତ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିବିର



ବିଭିନ୍ନ ଦିବସରେ ଓଡିଶା ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ତଥା ମାନ୍ୟବର ବିଧାୟକ (ଉତ୍ତର) ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ଡିସିପି ଟ୍ରାଫିକ୍ ଏସ୍. ସୁଶ୍ରୀ ପ୍ରଭୃତି ଯୋଗ ଦେଇ ପିଲାମାନଙ୍କୁ ଟ୍ରାଫିକ୍ ନିୟମ ମାନି କିପରି ଗାଡି ଚଳାଇବେ ଏବଂ ଆମ ରାଜ୍ୟରୁ କିପରି ଦୁର୍ଘଟଣା ଜନିତ ମୃତ୍ୟୁହାର କମିପାରିବ ତାହା ଉପରେ ଏକ ଅଭିନୟ ମାଧ୍ୟମରେ ସଚେତନତା କରାଯାଇଥିଲା। ରାଜ୍ୟ ସଂଗଠନ କମିଶନର (ଗାଇଡ୍) ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର, ରାଜ୍ୟ ସ୍କାଉଟ୍ ତାଲିମ କମିସନର ଶ୍ରୀ ସୁରଜିତ ସେନ, ରାଜ୍ୟ ଗାଇଡ୍ ତାଲିମ କମିସନର ପ୍ରିୟଦର୍ଶିନୀ ମହାପାତ୍ର ଓ ରାଜ୍ୟ ମୁଖ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରଭୃତି ସହଯୋଗ କରିଥିଲେ। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ଶେଷରେ ଫିଏଷ୍ଟାରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ଜିଲ୍ଲା ଏବଂ ରୋଭର, ରେଞ୍ଜରମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଫଳକ ପୁରସ୍କୃତ କରାଯାଇଥିଲା।




# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ରେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ୍ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାରଣ ମଧ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ୱା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ବୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/ ୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/ ୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।







# ‘କାଗଜ ଗୁଡି’ର ଶୁଭମହୁରତ୍

ଭୁବନେଶ୍ୱର,(ପିଏନ): ସୁମିତ୍ରା ଏଂଟରଟେନ୍‌ମେଂଟ୍ ନିବେଦିତ ଓଡିଆ ଚଳଚ୍ଚିତ୍ର ‘ମନ ମୋର କାଗଜଗୁଡି’ର ମହୁରତ ହୋଇଯାଇଛି। ନିକୋପାର୍କ ନିକଟସ୍ଥ ସୁନାଦେଇ ମନ୍ଦିରରେ ଆୟୋଜିତ ଏହି ମହୁରତ ଉତ୍ସବରେ ମାନ୍ୟବର ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହିତ ଟାଇଟଲ୍ ଉନ୍ମୋଚିତ କରିଥିଲେ। ରାକେଶ ଓ ଭୂମିକାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଡିରେକ୍ଟର ଦେବଜ୍ୟୋତି ପାତ୍ର (ଦୀପୁ) । ଯଦିଓ ନିର୍ଦ୍ଦେଶକ ଭାବେ ଏହା ତାଙ୍କର ପ୍ରଥମ ସିନେମା ହେବ ତେବେ ଷାଠିଏରୁ ଊର୍ଦ୍ଧ୍ୱ ସିନେମାର ସେ ଚିଫ୍ ଭାଇ। ଗୀତରଚନା କରିଛନ୍ତି ବସନ୍ତରାଜ ସାମଲ ଓ ସୁବ୍ରତ ସ୍ୱାଇଁ। ଦିବ୍ୟସିଂହ ରାୟଙ୍କ ରଚିତ କାହାଣୀରେ ସଂଳାପ ଦେଇଛନ୍ତି ମାନସ ପଢିଆରୀ। ସୋମିଓ ସିନେମାଟୋଗ୍ରାଫର ଥିବାବେଳେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ଅଛନ୍ତି ସ୍ୱାଗତ ପାତ୍ର ଏବଂ ଜୁନିୟର ସିଦ୍ଧାନ୍ତ। ମେକ୍ ଅପ୍‌ରେ ରାଜୁ, କେଶବିନ୍ନ୍ୟାସରେ ତୁଳସୀ ଓ କଳାରେ ନବଘନ ଦଳେଇ ଥିବାବେଳେ ବ୍ୟବସ୍ଥାପନାରେ ଅଛନ୍ତି ସର୍ବେଶ୍ୱର ସୂତାର। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ‘ବେଷ୍ଟ ଆଇଡିଆଜ୍’। ‘ମନ ମୋର କାଗଜ ଗୁଡି’ ଶୀର୍ଷକରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଓଡିଆ ଚଳଚ୍ଚିତ୍ରର ଶିକାର ହୋଇ ଯୁବ ପିଢି କିପରି ଅବାଟରେ ପାଦ ରଖୁଛନ୍ତି ଓ ନିଶା କବଳରେ କବଳିତ ହେଉଛନ୍ତି, ତାର ନଜିର ରହିଛି ଏଥିରେ। ବାଟବଣା ଯୁବ ବର୍ଗଙ୍କୁ ବାଟକୁ ଆଣିବାକୁ ସୁମିତ୍ରା ଏଂଟରଟେନ୍ ମେଂଟ୍‌ର ଏ ପ୍ରୟାସ। କାହାଣୀରେ ମନୋରଞ୍ଜନର ଭରପୂର ମସଲା ରହିଛି। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଗୀତଗୁଡିକ ବାହାର ଲୋକେସନରେ ସୁଟିଂ କରାଯିବାର ଯୋଜନା ରହିଛି। ସିନେମା ପାଇଁ କେବଳ ସିନେମା ନୁହେଁ। କରୋନା ଯୋଗୁ ଠପ୍ ହୋଇଯାଇଛି ସିନେମା ଶିଳ୍ପ। କଳାକାର ଓ ଟେକ୍ନିସିଆନଙ୍କ ହାତରେ ପ୍ରାୟତଃ କାମ ନାହିଁ। ନାହିଁ ନଥିବା




ଅସୁବିଧା ଭୋଗୁଛନ୍ତି ସମସ୍ତେ। ଏଣୁ ସୁମିତ୍ରା ଏଂଟରଟେନ୍‌ମେଂଟ୍ ପକ୍ଷରୁ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ଏହି ଚଳଚ୍ଚିତ୍ରର ଯୋଜନା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଯୋଜକ ଶିବିର କୁମାର ପରିଡା। ମହୁରତ ଉତ୍ସବରେ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡର ସହ ସମ୍ପୃକ୍ତ ବହୁ ନାମୀଦାମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନଭେମ୍ବର ୧୩ ତାରିଖରେ ‘ମନମୋର କାଗଜଗୁଡି’ ଫ୍ଲୋରକୁ ଆସିବ ବୋଲି ସୂଚନା ରହିଛି।

ଏସୋସିଏଟ୍ ଡିରେକ୍ଟର ଭାବେ କାମ କରିସାରିଛନ୍ତି। ନାୟକ ନାୟିକା ଭାବେ ନଜର ଆସିବେ ୟଙ୍ଗ୍ ସେନ୍‌ସେସନ ରାକେଶ ଓ ଭୂମିକା। ରାକେଶ ଓ ଭୂମିକା ଯୋଡିର ଏହା ପ୍ରଥମ ଚଳଚ୍ଚିତ୍ର। ଅନ୍ୟାନ୍ୟ ଭୂମିକାରେ ପ୍ରୀତିରାଜ ଶତପଥୀ, ଐଶ୍ୱର୍ଯ୍ୟା ବେହେରା, ମମତା ଦାଶ, ବୀରେନ୍ ମିଶ୍ର, ଗୁଡ୍ଡୁ, ଜ୍ଞାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଯୁବ ଉଦ୍ୟୋଗୀ ଶିବିର ପରିଡା ଓ ଲକ୍ଷ୍ମୀପ୍ରିୟା ପରିଡାଙ୍କ ପ୍ରଯୋଜନାରେ ନିର୍ମିତ ‘ମନ ମୋର କାଗଜ ଗୁଡି’ର ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ। ସଙ୍ଗୀତ ଦେଇଛନ୍ତି ଜାପାନୀ ଶୀର୍ଷକରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବ୍ୟବହାରକୁ ନେଇ ଦର୍ଶକ ଓ ସମାଲୋଚକମାନେ ପ୍ରଶ୍ନ ଉଠାଇ ଆସିଛନ୍ତି। ସେ ଦୃଷ୍ଟିରୁ ଏହାର ଶୀର୍ଷକ ନିଆରା। ଏହା ଏମିତି ଏକ ଶୀର୍ଷକ ଯେଉଁଥିରେ ଓଡିଆତ୍ୱ ରହିଛି, ରହିଛି ଆପଣାପଣ। ଯେମିତି ମିଠା ସେମିତି ମନଛୁଆଁ। ଶୀର୍ଷକରୁ ହିଁ ଦର୍ଶକ ଅନୁମାନ କରିପାରିବେ ଯେ ଏହା ଏକ ମୌଳିକ କାହାଣୀ। କୌଣସି ସିନେମାର କପି ନୁହେଁ କି ଏଥିରେ କୌଣସି ସିନେମାର ଛାପ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମ୍ପ୍ରତିକ ସମସ୍ୟା ଉପରେ ଏହା ଆଧାରିତ। ବିଭିନ୍ନ ପ୍ରକାର ଚାପର

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର, ୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇଷକଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଳାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ଖେଳ

# ପର୍ଯ୍ୟବେକ୍ଷକ

Bhubaneswar Tuesday September 24 2024 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୨୪,୨୦୨୪ Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 www.paryabekhyak.com



## ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଯୁବକ ମୃତ

କୋମନା,(ପି.ଏନ): ମଣିଷ ବଞ୍ଚିବା ପାଇଁ କର୍ମ କରେ. ।ସେ ନିଜ ଭିଟାମାଟି ଛାଡି ନିଜ ପେଟପାଟଣା ପାଇଁ ସୁଦୂର ବିଦେଶକୁ ଚାଲିଯାଏ ।ନିଜ ଅଞ୍ଚଳ ରେ କାମଧନ୍ଦାର ଅଭାବ ଓ ନିଜ ପରିବାର ଚଳିବା ପାଇଁ ସେ ଦାଦନ ଯିବା ପାଇଁ ବାଧ୍ୟ ହୁଏ । ପ୍ରଥମେ ପନ୍ଦର ବର୍ଷ ପୂର୍ବ ନିଜ ବାପା ସ୍ୱର୍ଗତ ଯୁଧିଷ୍ଠିର ଶବର ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଥିଲେ । ବର୍ତ୍ତମାନ ନିଜ ପୁଅ ହେମଲାଲ ଶବର ସୁଦୂର ମୁମ୍ବାଇ (ବମ୍ବେ) ଯାଇ ଦେହତ୍ୟାଗ କରିଛନ୍ତି । ଏଭଳି ଏକ ଅଭାବନିୟ ଘଟଣା ଦେଖିବାକୁ ମିଳିଛି ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ଗ୍ରାମପଞ୍ଚାୟତ ସ୍ଥିତ ଦାବ୍ରିପଡା ଗ୍ରାମରେ। ତାଙ୍କ ପରିବାର ଏକ ଗରିବ,ଖଟିଖିଆ, ମୁଲିଆ ଶ୍ରେଣୀର ଅଟନ୍ତି। ତାଙ୍କ ପରିବାର କହିଲେ ଏକମାତ୍ର ମା ଓ ପୁଅ ଥିଲେ । ଏବେ ମାକୁ ପୁଅ ଏକୁଟିଆ କରି ଛାଡି ଆର ପାରିକୁ ଚାଲିଯାଇଛି । ସୂଚନାମୁତାବକ ପୂର୍ବ କାମ ଧନ୍ଦା ଅନ୍ୱେଷଣରେ ଗତ ବର୍ଷ ଅକଟୋବର ମାସରେ ହେମଲାଲ ନିଜ ସାଙ୍ଗମାନଙ୍କ ସହିତ ମୁମ୍ବାଇ ଯାଇଥିଲେ । ସେଠାରେ ସେ ନିଜ ବନ୍ଧୁ ମାନଙ୍କ ସହ ଏକ ନୂତନ କୋଠାଗୃହ ନିର୍ମାଣ କାମରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ । ଗତ ୧୬ ତାରିଖରେ ହେମଲାଲଙ୍କୁ ଡେଙ୍ଗୁ ଜ୍ୱର ହେବାରୁ ଡ଼ଃ ଭୀମରାଓ ଆମ୍ବେଦକର ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଏହି ଖବର ପାଇ ମା ସ୍ନେହଲତା ଶବର ଓ ପରିବାର ଲୋକେ ପୁଅକୁ ଗାଁ କୁ ଆଣି ଚିକିତ୍ସା କରିବା ପାଇଁ ମୁମ୍ବାଇ ଅଭିମୁଖେ ଯାତ୍ରା କରିଥିଲେ । ତାପରେ ଅଧା ବାଟରେ ପୁଅର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ତାଙ୍କର ବଡ ବାପା ହରିଦାସ ଶବର, ନାଣ୍ଟୁ ଶବର ଓ ସାଙ୍ଗସାଥୀ ହେମଲାଲଙ୍କ ମୃତ ଶରୀରକୁ ମୁମ୍ବାଇରୁ ରାୟପୁରକୁ ବିମାନ ଯୋଗେ ଆଣିଥିଲେ । ତା ପରେ ରାୟପୁରରୁ ଆମ୍ବୁଲାନ୍ସ ଯୋଗେ ଦାବ୍ରିପଡା ଗାଁ କୁ ଆଣିଥିଲେ । ଆଜି ଅପରାହ୍ନରେ ମୃତଦେହ ଗାଁରେ ପହଂଚି ଥିଲା । ମୃତଦେହ ପହଂଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଏହାପରେ ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଯାଇଛି । ଏବେ ଏକମାତ୍ର ରୋଜଗାରୀ ପୁଅକୁ ହରାଇ ମା ସ୍ନେହଲତା ଅସହାୟ ହୋଇ ପଡିଛନ୍ତି । ଏବେ ଅସହାୟ ମା କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଶ୍ରମ ବିଭାଗ ନିକଟରେ ପରିବାର ଓ ଗ୍ରାମବାସୀ ଦାବୀ ରଖିଛନ୍ତି । ଗଣ୍ଡାମେର ଗ୍ରାମପଞ୍ଚାୟତ ସରପଞ୍ଚ ରମ୍ଭାବତୀ ଶବରଙ୍କୁ ପଚାରିବାରୁ ସେ ସରକାର ଓ ଠିକାଦାର ଏହି ପରିବାର ପାଇଁ ସମସ୍ତ ସୁବିଧା ସୁଯୋଗ ଦେବେ ବୋଲି କହିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ରବୀନ୍ଦ୍ର ବାର୍ଲାଙ୍କୁ ପଚାରିବାରୁ କହିଲେ ତାଙ୍କର କୋଠା ବାଡ଼ି ନିର୍ମାଣ ଶ୍ରମିକରେ ପଞ୍ଜିକରଣ ହୋଇଥିଲେ ସରକାରୀ ସହାୟତା ମିଳିବ ବୋଲି କହିଲେ । ନୂଆପଡା ବିଧାୟକ ଶ୍ରୀଯୁକ୍ତ ରାଜେନ୍ଦ୍ର ଢୋଲକିଆଙ୍କୁ ପଚାରିବାରେ କହିଲେ ତାଙ୍କ ପରିବାରଙ୍କୁ ସରକାରୀ ସହାୟତା ସହ ମୃତ୍ୟୁ ଘଟଣାର ଉଚିତ ତଦନ୍ତ ହେଉ ବୋଲି କହିଲେ । ଦେଖାଯାଉ ପ୍ରଶାସନ ଏ ଦିଗରେ କଣ ପଦକ୍ଷେପ ନେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଶ୍ରମିକ ମାନଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି । କିନ୍ତୁ ଦାଦନ ଯାଇ ଶବ ହୋଇ ଗାଁକୁ ଫେରିବା ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ତେଣୁକରି ଯଥାଶୀଘ୍ର ଉଚିତ କାର୍ଯ୍ୟାନୁଷ୍ଠାନ ସହ ଏହାର ତଦନ୍ତ ହେବା ପାଇଁ ପରିବାର ଓ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି ।

## ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଙ୍ଗ ଦିଗରେ ଏଚ୍‌ଡିଏଫ୍‌ସିର ପଦକ୍ଷେପ

ଭୁବନେଶ୍ୱର: ଦେଶର ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଙ୍ଗ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏ କ୍ଷେତ୍ରରେ ଲୋକଙ୍କୁ ସଚେତନ କରିବା ଲାଗି ବ୍ୟାଙ୍କ ପ ।ରୁ ୧୫୦ କର୍ମଶାଳା ଆୟୋଜନ କରାଯାଇଛି । ଏହା ଦ୍ୱାରା ୧୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଙ୍ଗ ପ୍ରାକ୍ଟିସ ସମ୍ପର୍କରେ ସଚେତନ ହୋଇଛନ୍ତି । ଗୁରୁ ଦିବସ ଉପଲେ। ୪ରୁ ୧୦ ସେପ୍ଟେମ୍ବର ଯାଏ ଏହି କର୍ମଶାଳା ଗୁଡିକ ଆୟୋଜନ କରାଯାଇଥିଲା । ଦେଶର ବିଭିନ୍ନ ପ୍ରାନ୍ତର ଶିକ୍ଷାନୁଷ୍ଠାନରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ସାଇବର ଠକେଇ ରୋକିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ସାଇବର ଠକେଇ ସଚେତନତା, ସୁରକ୍ଷିତ ନେଟ୍ ବ୍ୟାଙ୍କିଙ୍ଗ, ଶପିଂ ଟିପ୍ସ, ସମ୍ଭାବ୍ୟ ଠକେଇକୁ ରିପୋର୍ଟ କରିବା ଭଳି ବିଭିନ୍ନ ଦିଗ ସାମିଲ ରହିଥିଲା । ଏହି ଅବସରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବରିଷ୍ଠ କାର୍ଯ୍ୟନିର୍ବାହୀ ଉପସଭାପତି ମନିଷ ଅଗ୍ରୱାଲ କହିଛନ୍ତି, ଡିଜିଟାଲ ନେଣଦେଣକୁ ସୁରକ୍ଷିତ କରିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ।

## ରାଇଘରଠାରେ ଜିଲାପାଳଙ୍କ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର ,(ପି.ଏନ):ଆଜି ରାଇଘର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡ ଶୁଭଙ୍କର ମହାପାତ୍ର ଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସି ଡି ଓ ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ ମିଶ୍ର , ଏସ ଡି ପି ଓ ମଧୁସିକ୍ତା ମିଶ୍ର, ବି ଡି ଓ ରାଇଘର ଲକ୍ଷ୍ମୀ ସାଗର ମାଝୀ,ଡି ଏସ ଏସ ଓ ସୁଧାଂଶୁ ପାତ୍ର ଙ୍କ ସମେତ ସଂପୃକ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।ଏହି ଜନ ଶୁଣାଣି ଶିବିରରେ ମୋଟ ୨୮ଜଣ



ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ୩ଜଣଙ୍କୁ ହୁଇଲ ଚେୟାର ଏବଂ ୨ ଜଣଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଗଲା।

## ଶିଷ୍ଟ କରଣ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବି ପତ୍ର

ନବରଙ୍ଗପୁର,(ପି.ଏନ): ନବରଙ୍ଗପୁର ଜିଲ୍ଲା ଶିଷ୍ଟ କରଣ ସଂଘ ପକ୍ଷରୁ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ସଂଘର କାର୍ଯ୍ୟକାରୀ କମିଟିର ଏକ ପ୍ରତିନିଧି ଦଳ ସାକ୍ଷାତ କରିଥିଲେ । ସଂଘ ପକ୍ଷରୁ ବିଧାୟକଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହା ପରେ ସଂଘର ନିଜସ୍ୱ ଖାଲି ସ୍ଥଳ ଉପରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ବିଧାୟକଙ୍କ ହାତ ପାଣ୍ଠିରୁ ଅନୁଦାନ ପ୍ରଦାନ କରିବା ପାଇଁ ଦାବି କରାଯାଇଛି । ସଂଘର ଏହି ପ୍ରତିନିଧି ଦଳରେ ଭାରପ୍ରାପ୍ତ ସଭାପତି ତଥା ଉପ ସଭାପତି କିଶୋର ପଟ୍ଟନାୟକ, ସାଧାରଣ ସମ୍ପାଦକ ମହେଶ୍ୱର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସତୀଶ ପଟ୍ଟନାୟକ, କୋଷାଧକ୍ଷ ଚନ୍ଦ୍ର ଶେଖର ପଟ୍ଟନାୟକ, ରାଜ କିଶୋର ପଟ୍ଟନାୟକ, ଅବନୀ ପଟ୍ଟନାୟକ, ବାବୁଲା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ ।

## ଭରତପୁର ଥାନ ଘଟଣାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ:ରାଜ୍ୟ କଂଗ୍ରେସ

ଭୁବନେଶ୍ୱର ,(ପି.ଏନ): ଭରତପୁର ଥାନାରେ ଘଟିଯାଇଥିବା ଘଟଣାରେ ରାଷ୍ଟ୍ରପତିଙ୍କର ହସ୍ତକ୍ଷେପ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ରାଜ୍ୟ କଂଗ୍ରେସର ଏକ ସ୍ୱତନ୍ତ୍ର ମହିଳା ଦଳ ଷ୍ଟିୟରିଂ କମିଟିର ସଦସ୍ୟା ଇଂ ସସ୍ମିତା ବେହେରାଙ୍କ ନେତୃତ୍ୱରେ ରାଜଭବନରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଭରତପୁର ଘଟଣାରେ ପୋଲିସ ଯେଉଁଭଳି ଭାବରେ ବର୍ବର, ଆଶାଳୀନ ଆଚରଣ ଓ ଯୌନ ନିର୍ଯ୍ୟାତନା କଲା ତାହାକୁ ନିନ୍ଦା କରି ଏବଂ ଯେଉଁ ଅସାମାଜିକ ଯୁବକମାନେ ଜଣେ ସେନାବାହିନୀର ଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର କରିଥିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଓଡ଼ିଶା ପୋଲିସର ବ୍ୟବହାର ଅତ୍ୟନ୍ତ ଦୁଃଖଦାୟକ ଏବଂ ନିନ୍ଦନୀୟ, ଯାହାକି ଓଡ଼ିଶାକୁ ସମଗ୍ର ଭାରତ ବର୍ଷରେ ନିନ୍ଦିତ କରିଛି ବୋଲି ସେମାନେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳଙ୍କ ଦ୍ୱାରା ଜଣାଇଛନ୍ତି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ଏବଂ ବିଶେଷ କରି ଦଳିତ ଆଦିବାସୀ ନାବାଳିକା



ମାନଙ୍କ ଉପରେ ଦିନକୁ ଦିନ ବଢ଼ିଚାଲିଥିବା ଅତ୍ୟାଚାରକୁ ନେଇ କଂଗ୍ରେସ ଅତ୍ୟନ୍ତ ଚିନ୍ତିତ ବୋଲି ରାଜ୍ୟପାଳ ପାଖକୁ ଯାଇଥିବା ପ୍ରତିନିଧି ଦଳ ପ୍ରକାଶ କରିଥିଲେ। ସେମାନେ ଦାବି କରିଥିଲେ ରାଷ୍ଟ୍ରପତି ଏ ଘଟଣା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ରାଜ୍ୟର ଆଇନଶୃଙ୍ଖଳାକୁ ରକ୍ଷାକରିବା ଦିଗରେ ପଦକ୍ଷେପ ନେବାପାଇଁ ସରକାରଙ୍କୁ ତାଗିଦ କରନ୍ତୁ। ଷ୍ଟିୟରିଂ କମିଟିର ସଭ୍ୟ ଇଂ ସସ୍ମିତା ବେହେରା ଉକ୍ତ ଘଟଣାର ଜଣେ ସୁପ୍ରିମକୋର୍ଟ ଜର୍ଜଙ୍କ ନେତୃତ୍ୱରେ ଉକ୍ତ ଘଟଣାର ତଦନ୍ତ ପାଇଁ ରାଷ୍ଟ୍ରପତିଙ୍କୁ ଦାବି କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଗିରିବାଳା ବେହେରା, ସୋନାଲି ସାହୁ, ଅମିତା ବିଶ୍ୱାଳ, ମଧୁମିତା ଆଚାର୍ଯ୍ୟ, ମଧୁସ୍ମିତା ପଣ୍ଡା, ମନୀଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ସବିତା ଧିର, ନିରୁପମା ପାତ୍ର, ଶ୍ରୀୟା ମହାନ୍ତି, ପ୍ରଭାବତି ପଟ୍ଟନାୟକ, ମୁଲତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ବିଶ୍ୱକର୍ମା ପୂଜା ମହୋତ୍ସବ ଉଦଯାପିତ : ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ ହେଲେ ବିଭିନ୍ନ ସଂଗଠନ

ପାରାଦୀପ ,(ପି.ଏନ): ଦୀର୍ଘ ସପ୍ତାହ ବ୍ୟାପି ଚାଲିଥିବା ଓଡ଼ିଶାର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ଶନିବାର ଦିନ ସଫଳତାର ସହ ଉଦଯାପିତ ହୋଇଯାଇଛି । ପ୍ରତ୍ୟକ ବର୍ଷ ପରି ଚଳିତ ବର୍ଷ ର ବିଭିନ୍ନ ବିଭାଗରେ ଶ୍ରେଷ୍ଠତା ହାସଲ କରିଥିବା ପୂଜା କମିଟି ମାନଙ୍କୁ ପୌର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ର ଠାରେ ପୁରସ୍କୃତ କରାଯାଇଥାଏ । ଏହି କ୍ରମରେ ଶନିବାର ଉଦଯାପନୀ ସନ୍ଧ୍ୟାରେ ପୁରସ୍କାର ବିତରଣୀ ଉତ୍ସବରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ କ୍ଷ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ବିଭିନ୍ନ ୱାର୍ଡ ର ପାରିଷଦ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବାହ୍ୟ ସାଜସଜ୍ଜା ରେ ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ପ୍ରଥମ ସ୍ଥାନ ଅଧିକାର କରିଥ ?ବା ବେଳେ ଦ୍ୱିତୀୟ ସ୍ଥାନ ରେ ଡ୍ରମ୍ପର୍ ଓ୍ୱନର୍ସ ଆସୋସିଏସନ୍ ଓ ତୃତୀୟ ସ୍ଥାନରେ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ରହି ପୁରସ୍କୃତ ହୋଇଥିଲେ । ଆଭ୍ୟନ୍ତରୀଣ ସାଜସଜ୍ଜା ରେ ପାରାଦୀପ ଟ୍ରକ୍ ମାଲିକ ସଂଘ ପ୍ରଥମ, ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘ ଦ୍ୱିତୀୟ, ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)



ଓ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନ୍ ଯୌଥ ଭାବେ ତୃତୀୟ ସ୍ଥାନରେ ରହି ପୁରସ୍କାର ଗ୍ରହଣ କରିଥିଲେ । ଆଲୋକ ସାଜସଜ୍ଜା ରେ ପାରାଦୀପ ବନ୍ଦର ବିଦ୍ୟୁତ ବିଭାଗ ପ୍ରଥମ, ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ଓ ଡ୍ରମ୍ପର୍ ମାଲିକ ସଂଘ ମିଳିତ ଭାବେ ଦ୍ୱିତୀୟ ସ୍ଥାନ ରେ ରହିଥିବା ବେଳେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ଓ ପାରାଦୀପ ଟ୍ରକ୍ ମାଲିକ ସଂଘ ମିଳିତ ଭାବେ ତୃତୀୟ ସ୍ଥାନ ଦଖଲ କରିଥିଲେ । ଶାନ୍ତି ଶୃଙ୍ଖଳା ଓ ସାମାଜିକ ବାର୍ତ୍ତା ନେଇ ପ୍ରଥମ ସ୍ଥାନରେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ, ଦ୍ୱୀତୀୟ ସ୍ଥାନରେ ପାରାଦୀପ ଟ୍ରକ୍ ମାଲିକ ସଂଘ,ତୃତୀୟ ସ୍ଥାନରେ ଭାରତୀୟ ବନ୍ଦର ମଜଦୁର ସଂଘ କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ଭାରତୀୟ ବନ୍ଦର ମଜଦୁର ସଂଘ କୁ ଏକ ସ୍ୱତନ୍ତ୍ର ପୁରସ୍କାର ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଦାନ କରିଥିଲେ କ୍ଷ ତେବେ ପୁରସ୍କାର ବିତରଣ ପୂର୍ବରୁ ପ୍ରଥମେ ଯିଏ ବିଶ୍ୱକର୍ମା ତଥା ପୃଷ୍ଠପଟରେ ରହି ଏହି ପୁଜା ମହୋତ୍ସବ ସଫଳ କରାଇଛନ୍ତି ତଥା ତାଙ୍କ ହାତର ଯାଦୁଗରୀ ରେ ମୁର୍ତି ଓ ତୋରଣ ନିର୍ମାଣ କରିଛନ୍ତି ସେମାନଙ୍କୁ ଭବ୍ୟତାର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ କୃତି ପୂଜା କମିଟି ଓ ବ୍ୟକ୍ତି ବିଶେଷ ଙ୍କୁ ପୁରସ୍କାର ପ୍ରଦାନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ବକ୍ତବ୍ୟରେ ପାରାଦୀପ ରେ ଏହି ମହୋତ୍ସବ ଏକ ସୁନ୍ଦର ଭାଇଚାରା ବଜାୟ ରଖିବା ସହ ଏହାକୁ ଉତ୍କର୍ଷତାର ସହ ପାଳନ କରି ମନୋରଞ୍ଜନ ଧର୍ମୀର ମାହୋଲ ସୃଷ୍ଟି କରିଥିବାରୁ ସମସ୍ତ ଆୟୋଜକ ମାନଙ୍କୁ ସାଧୁବାଦ ଜଣାଇବା ସହ ମହୋତ୍ସବ ର ଉତ୍ତରୋତ୍ତର କାମନା କରିଥିଲେ ।ତେବେ ସର୍ବୋପରି ଶାନ୍ତି ଶୃଙ୍ଖଳା ସହିତ ଚଳିତ ବିଶ୍ୱକର୍ମା ପୂଜା ଶେଷ ହୋଇ ରବିବାର ଦିନ ସାମୁହିକ ଭାବେ ବିସର୍ଜନ ହୋଇଯାଇଛି । ଏହି ସପ୍ତାହ ବ୍ୟାପି ମହୋତ୍ସବରେ ଲକ୍ଷାଧିକ ଜନସମାଗମ କୁ ଦୃଷ୍ଟିରେ ରଖି ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପୌର ପ୍ରଶାସନ ପକ୍ଷରୁ ଦୈନନ୍ଦିନ ଉତ୍ସବ ସ୍ଥାନ ଓ ରାସ୍ତାରେ ସଫେଇ ସହିତ ବିଭିନ୍ନ ଷ୍ଟଲ ଓ ଅନୁଷ୍ଠାନ ମାନଙ୍କୁ ପାନୀୟ ଜଳ ଯୋଗାଣ ଏବଂ ସୂଚନା କେନ୍ଦ୍ର ରେ ସାଧାରଣରେ ସଚେତନ ନିମନ୍ତେ ଡାକବାଜି ଯନ୍ତ୍ରରେ ବିଭିନ୍ନ ସୂଚନା ପ୍ରଦାନ ସାଙ୍ଗକୁ ପୁରୁଣା ଓଡ଼ିଆ ରେକର୍ଡ ସଂଗୀତ ପ୍ରସାର ସାଧାରଣରେ ବେସ ଆଦୃତ ହୋଇଥିବାର ଦେଖିବାକୁ ମିଳିଥିଲା । ଏତଦବ୍ୟତୀତ ପୂଜା ଉତ୍ସବର ବହୁଳ ପ୍ରଚାର ପ୍ରସାର ସୁବିଧା ନିମନ୍ତେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମ୍ବାଦିକ ପ୍ରକୋଷ୍ଠ ମଧ ସାଧାରଣରେ ବେସ ଆଦୃତ ହୋଇଥିଲା । ଖବର ପ୍ରସ୍ତୁତ ବ୍ୟତୀତ ପୂଜାରେ ବୁଲି ଅସହ୍ୟ ଗୁଳୁଗୁଳି ରେ କ୍ଲାନ୍ତ ବୃଦ୍ଧ, ବୃଦ୍ଧା, ଶିଶୁ ଓ ମହିଳା ମାନେ ଏହି ବ୍ୟବସ୍ଥିତ ଥଣ୍ଡା ପ୍ରକୋଷ୍ଠ ରେ ଆଶ୍ରୟ ନେଉଥିବାର ଦେଖାଯାଇଥିଲା ।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray